# ଘାଟି ରାସ୍ତା ପାଲଟିଛି ମରଣଯନ୍ତା



**୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳର ଜୀବନରେଖା କୁହାଯାଉଥିବା ସିଙ୍ଗାରି ଘାଟି ରାସ୍ତାର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । କଲମପୁର ଛକଠାରୁ ଥୁଆମୂଳ ରାମପୁରକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଏବେ ମରଣଯନ୍ତା ପାଲଟିଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରଦୀପ କୁମାର ଦିଶାରୀ ଉଦ୍‌ବେଗ ପ୍ରକାଶ କରିବା ସହ ରାସ୍ତାର ତୁରନ୍ତ ସଂସ୍କାର ପାଇଁ ରାଜ୍ୟ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ସୂଚନାଯୋଗ୍ୟ, ଥୁଆମୂଳ ରାମପୁରରୁ ଭବାନୀପାଟଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ସନ୍ଧ୍ୟା ପରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେଳେ ସିଙ୍ଗାରି ଘାଟି ରାସ୍ତା ହିଁ ସ୍ଥାନୀୟ ଲୋକଙ୍କ ପାଇଁ ଦିନରାତି ଯାତାୟାତର ଏକମାତ୍ର ଭରସାଯୋଗ୍ୟ ମାଧ୍ୟମ ହୋଇଥାଏ । ବିଶେଷ କରି ଜରୁରିକାଳୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଛି । ମାତ୍ର ଦୀର୍ଘଦିନ ଧରି ଏହାର ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ବିପଦସଙ୍କୁଳ ହୋଇପଡ଼ିଛି । ଏହି ସମସ୍ୟାକୁ ଗୁରୁତ୍ୱ ସହ ନେଇ ବିଧାୟକ ପତ୍ର ସଂଖ୍ୟା ୦୮/ଏସି–୭୭ ଜରିଆରେ ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ସେ ନିଜ ପତ୍ରରେ ଦର୍ଶାଇଛନ୍ତି ଯେ, ତାଙ୍କ ନିର୍ବାଚନ ମଣ୍ଡଳୀର ଏହି ପ୍ରମୁଖ ରାସ୍ତାଟି ବର୍ତ୍ତମାନ ଅତି ଖରାପ ସ୍ଥିତିରେ ରହିଛି, ଯାହା ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଆବଶ୍ୟକୀୟ ପାଣ୍ଠି ମଞ୍ଜୁର କରିବା ସହ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରିବାକୁ ସେ ନିବେଦନ କରିଛନ୍ତି । ଏହି ପତ୍ରର ଏକକିତା ନକଲ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ଏବଂ ଇଆଇସିଙ୍କ ନିକଟକୁ ମଧ୍ୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି । ବିଧାୟକଙ୍କ ଏହି ପଦକ୍ଷେପ ପରେ ଅଞ୍ଚଳବାସୀ ରାସ୍ତା କାମ ଶୀଘ୍ର ଆରମ୍ଭ ହେବା ନେଇ ଆଶା ବାନ୍ଧିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର– ଷଷ୍ଠୀ |
|---|---|
| ୨୪.୧.୨୦୨୬ | ନକ୍ଷତ୍ର– ଉତ୍ତରଭାଦ୍ର, ମୀନଚନ୍ଦ୍ର |



| | |
|---|---|
| ମେଷ | : ପୂର୍ବର କିଛି କଥାକୁ ନେଇ ମନସ୍ତାପ କରିବେ । |
| ବୃଷ | : ପଦମର୍ଯ୍ୟାଦା ବୃଦ୍ଧି ପାଇବ । |
| ମିଥୁନ | : ଶତ୍ରୁ ପରାଜୟ ହେବେ । |
| କର୍କଟ | : ସହଯୋଗ ବୃଦ୍ଧି ପାଇବ । |
| ସିଂହ | : ଦୁର୍ଘଟଣା ଘଟିପାରେ । |
| କନ୍ୟା | : ଦ୍ରବ୍ୟଲାଭ ଯୋଗ ରହିଛି । |
| ତୁଳା | : ସୁସମ୍ବାଦ ପାଇବେ । |
| ବିଛା | : ବନ୍ଧୁ ଗୃହେ ଯାତ୍ରା କରିବେ । |
| ଧନୁ | : ଅପମାନିତ ହୋଇପାରନ୍ତି । |
| ମକର | : ସମ୍ମାନିତ ହେବେ । |
| କୁମ୍ଭ | : ଶତ୍ରୁଶରଣ ନେବ । |
| ମୀନ | : ସୁଖଶାନ୍ତିରେ ଦିନଟି କଟିବ । |

## ବାଇକ ଚୋରି, ଯୁବକ ଗିରଫ

**ଯାଜପୁର, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଇକ ଚୋରି ଅଭିଯୋଗରେ ଯାଜପୁର ଟାଉନ ପୁଲିସ ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ଷେଣ୍ଡପୁର ଗ୍ରାମର ବିଜୟ କୁମାର ଦାସଙ୍କ ପୁଅ ରାଜା ଓରଫ ବିକ୍ରମ ଦାସ(୨୫)କୁ ଗୁରୁବାର ଦିନ ଗିରଫ କୋର୍ଟ ଚାଲାଣ କରିଛି । ଘଟଣାର ବିବରଣୀରୁ ପ୍ରକାଶ ଗତ ୧୨ ତାରିଖରେ ଧର୍ମଶାଳା ଅଞ୍ଚଳର ସନ୍ତୋଷ କୁମାର ମଲ୍ଲିକ ପତ୍ନୀଙ୍କ ଦେହ ଅସୁସ୍ଥ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆସିଥିବା ବେଳେ କେହି ଦୁର୍ବୃର୍ତ୍ତ ତାଙ୍କ ବାଇକଟିକୁ ମେଡ଼ିକାଲ ପରିସରରୁ ଚୋରି ନେଇ ଯାଇଥିଲେ । ଏ ନେଇ ସନ୍ତୋଷ ଗତ ୨୧ ତାରିଖ ବୁଧବାର ଦିନ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେସ୍ ନଂ.୩୧/୨୬, ଦଫା ୩୦୩(୨) ବିଏନ୍‌ଏସ୍‌ରେ ଏକ ମାମଲା ରୁଜୁ କରି ଏସ୍‌ଆଇ ମହେନ୍ଦ୍ର କୁମାର ସେଠୀ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ଦିନ ଅଭିଯୁକ୍ତ ରାଜା ଓରଫ ବିକ୍ରମ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ବନ୍ଧୁକ ଦେଖାଇ ସୁନାଚେନ ଛିନ୍‌ତାୟୀ

**ଅସ୍ତରଙ୍ଗ, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ତାଳଦା ପଞ୍ଚାୟତ ଅଧୀନ କୂଳସାହି ଗ୍ରାମର ଠିକାଦାରଙ୍କୁ ତାଳଦା ବ୍ରିଜ୍ ଉପରେ ଯୁବକ ବନ୍ଧୁକ ଦେଖାଇବା ଥାନାରେ ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ କି ଠିକାଦାର ବିଜନ କୁମାର ପରିଡା ଓ ଦୁଇ ଜଣ ସହଯୋଗୀଙ୍କ ସହ ତାଳଦା ବ୍ରିଜ୍ ଉପରେ କଥା ହେଉଥିବା ବେଳେ ଅପରାହ୍ନ ୩ଟା ସମୟରେ ହଠାତ୍ ଜାକେଶ ପଢ଼ିଆରୀ ପହଞ୍ଚି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବେକାର ଥିବା ସୁନାଚେନ୍ ଛିଡାଇ ନେଯାଇଥିଲେ ଓ ତାଙ୍କ ସାଙ୍ଗରେ ଚାରିଜଣ ଅଚିହ୍ନା ଯୁବକ ଥିବାବେଳେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବାସହ ଲୋକ ଆସୁଥିବାରୁ ସ୍ଥାନ ଛାଡି ଦ୍ରୁତ ଗତିରେ ପଳାଇଯାଇଥିବା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଜାକେଶ ପଢ଼ିଆରୀ ଗ୍ରାମରେ ଏକ ସମସ୍ୟାର ସମାଧାନ ଚାଲିଥିବା ବେଳେ ବିଜନ ପରିଡାଙ୍କ ସମେତ ଚାରିଜଣ ତାଙ୍କୁ ମାଡମାରିଥିବା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅସ୍ତରଙ୍ଗ ପୋଲିସ ପକ୍ଷରୁ ପୃଥକ ପୃଥକ ଦୁଇଟି ମାମଲା ରୁଜୁକରିଥିବା ବେଳେ ଜାକେଶଙ୍କ ବିରୋଧରେ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇ ଦୁଇଟି ଅଭିଯୋଗ ଉପରେ ତଦନ୍ତ ଚାଲୁଥିବା ଦାୟିତ୍ୱରେ ଥିବା ଥାନା ନିରୀକ୍ଷକ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି ।

## ଦଳରୁ ବିଦା ହେଲେ ଏନ୍‌ଏସି ଉପାଧ୍ୟକ୍ଷ

**ପାଟଣାଗଡ଼, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେରଙ୍କୁ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ପତ୍ରସଂଖ୍ୟା ୩୦/୧/ଏସ୍‌ବି/ବିଜେଡି/୨୦୨୬ରେ ତାଙ୍କୁ ଦଳର ଉପସଭାପତି ପ୍ରତାପ ଜେନା ବହିଷ୍କୃତ କରିଛନ୍ତି ।

ପ୍ରକାଶ ଯେ, ପାଖାପାଖି ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଉପାଧ୍ୟକ୍ଷ ଏନ୍‌ଏସି ଅଧ୍ୟକ୍ଷା ମାନସୀ ବିଶାଲଙ୍କ ସହିତ ତାଙ୍କର ମତାନ୍ତର ଲାଗିରହିଥିଲା । ଯାହାଫଳରେ ଏନ୍‌ଏସି ଅଞ୍ଚଳରେ ବିକାଶମୂଳକ କାମଗୁଡ଼ିକ ହେବାରେ ବିଭିନ୍ନ ସମୟରେ ବାଧା ଉପୁଜୁଥିଲା । ଏହି ଘଟଣା ସମୟାନୁକ୍ରମେ ଦଳର ହାଇକମାଣ୍ଡଙ୍କ ପାଖରେ ପହଞ୍ଚିଥିଲା । ପରେ ଏନେଇ ଉପାଧ୍ୟକ୍ଷଙ୍କୁ ଦଳ ପକ୍ଷରୁ ତାଗିଦ ମଧ୍ୟ କରାଯାଇଥିଲା । ତଥାପି ସେ ଦଳ ବିରୋଧୀ କାମ ସହ ଉନ୍ନତିମୂଳକ କାମରେ ବାରମ୍ବାର ବ୍ୟାହତ ସୃଷ୍ଟି କରୁଥିଲେ ।ପରିଶେଷରେ ଦଳର ହାଇକମାଣ୍ଡ ଜିଲା ସଭାପତି ସରୋଜ କୁମାର ମେହେରଙ୍କ ସହ ଆଲୋଚନା କଲା ପରେ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

## କୁରକୁରେ ଖାଇ ଛାତ୍ର ଅସୁସ୍ଥ

**ଯାଜପୁର, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଏକ୍ସପାରୀ ଡେଟ୍ ସରିଥିବା କୁରକୁରେ ଖାଇ ଛାତ୍ର ଅସୁସ୍ଥ ହୋଇଥିବା ବେଳେ ସଂପୃକ୍ତ ଛାତ୍ରଙ୍କ ପିତା ଦୋକାନୀଙ୍କ ବିରୁଦ୍ଧରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଯାଜପୁର ଜିଲା ଦଶରଥପୁର ବ୍ଲକ ଅକରପଡ଼ା ଗ୍ରାମର ଜଗନ୍ନାଥ ମଲ୍ଲିକଙ୍କ ପୁଅ ରୁଦ୍ର ମଲ୍ଲିକ ବିଦ୍ୟାଳୟ ପାଖ ଦୋକାନରୁ ଏକ୍ସପାରୀ ଡେଟ୍ ଶେଷ ହୋଇ ଯାଇଥିବା କୁରକୁରେ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ବାନ୍ତି, ଝାଡ଼ା ହେବା ପରେ ତୁରନ୍ତ ଚିକିତ୍ସା କରାଯାଇଥିଲା। ପରେ ଜାଣିବାକୁ ପାଇଲେ ଯେ ପ୍ୟାକେଟରେ ଏକ୍ସପାରୀ ଡେଟ୍ ଜୁଲାଇ ୨୫ ଯାଏ ଥିଲା। ଏହାକୁ ନେଇ ଜଗନ୍ନାଥ ମଲ୍ଲିକ କୁରକୁରେ ବିକ୍ରି କରୁଥିବା ସଂପୃକ୍ତ ଦୋକାନୀଙ୍କ ସହ ବଚସା ହୋଇଥିଲା। ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଉକ୍ତ ଦୋକାନରୁ ବହୁ ଏକ୍ସପାରୀ ଡେଟ୍ ଶେଷ ହୋଇ ଯାଇଥିବା ଖାଦ୍ୟ ପ୍ୟାକେଟ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଜଗନ୍ନାଥ ମଲ୍ଲିକ ଯାଜପୁର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ବନ୍ଦ ଥିବା କାଫେ ଖୋଲିଲା

**ନିଆଳି, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଛକରେ ଥିବା ମିଶନ ଶକ୍ତି କାଫେ ୨୦୨୪ ବିଧାନସଭା ନିର୍ବାଚନ ସରିବା ପରେ ଉକ୍ତ କାଫେକୁ ଜୁନ ୮ରେ କାମ ଚାଲିଥିବା ସମୟରେ କାଫେରେ ଚୋରି ହେବା ଓ ଅର୍ଥ ଅନିୟମିତତା ଅଭିଯୋଗ ଆଣି ବିଜେପିର କିଛି କର୍ମୀ ପ୍ରଶାସନ ସହାୟତାରେ ଏହାକୁ ତାଲା ପକାଇଥିଲେ । ଦୀର୍ଘ ୧୯ ମାସ କାଫେ ବନ୍ଦ ରହିବା ପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଯେଉଁ ଉଦେଶ୍ୟ ନେଇ କାଫେ ଖୋଲା ଯାଇଥିଲା ସାଧାରଣ ଲୋକଙ୍କ କାଫେ ବନ୍ଦ ଯୋଗୁଁ କାମରେ ଆସି ନଥିଲା । ଉକ୍ତ ଅଭିଯୋଗର ତଦନ୍ତ ସରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ଧର୍ମ ରଞ୍ଜନ ପଣ୍ଡା, ଏବିଡ଼ିଓ ପଲ୍ଲବୀ ରାଉତ, ସହକାରି ନିର୍ବାହୀ ଯନ୍ତ୍ରୀ ସଲିଲ ସ୍ୱାଇଁ ଓ କାଫେ ଦାୟିତ୍ୱରେ ଥିବା ସ୍ମିତା ପାଣି ଉପସ୍ଥିତ ରହି କାଫେ ଖୋଲା ଯାଇଛି ।

## ପ୍ରଧାନ ଶିକ୍ଷକଙ୍କ ହୃଦ୍‌ଘାତରେ ମୃତ୍ୟୁ

**ଜଳେଶ୍ୱର, ୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଗଦେବୀଙ୍କ ପୂଜା ଲାଗି ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ଶୁକ୍ରବାର ସକାଳେ ହୃଦଘାତରେ ଅକାଳ ମୃତ୍ୟୁ ଖବର ସମସ୍ତଙ୍କୁ ସ୍ତବ୍ଧ କରିଛି । ଜଳେଶ୍ୱର ବ୍ଲକ ଅଧିନ ଗୋବରଘାଟା ପଞ୍ଚାୟତ ଅନ୍ତର୍ଗତ ହାଟପଦା ମିଲ କୋଲନୀ ବାସୀ ଉମେଶ ଚନ୍ଦ୍ର ସିଂ (୫୪) ଚାରି ବର୍ଷ ଧରି ବୈରାଟ ଆଡି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ପୂଜା ଲାଗି ଗୁରୁବାର ସନ୍ଧ୍ୟାରେ ସହଯୋଗୀ ଓ ଛାତ୍ରଛାତ୍ରୀଙ୍କ ସହ ସାଜସଜ୍ଜା ଓ ପ୍ରାକ୍ ପ୍ରସ୍ତୁତି କରି ଘରକୁ ଫେରିଥିଲେ । ଖଟରେ ଶୋଇଥିବା ବେଳେ ମଧ୍ୟ ରାତ୍ରୀରେ ହୃଦଘାତର ଶୀକାର ହୋଇ ତଳକୁ ପଡି ମୁର୍ଚ୍ଛିତ ହୋଇଥିଲେ । ପରିବାର ଲୋକେ ସ୍ଥାନୀୟ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି ପରେ ବାଲେଶ୍ୱର ହସ୍ପିଟାଲକୁ ନେଇଥିବା ବେଳେ ଆଜି ସକାଳେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ଝିଅ, ଧର୍ମପତ୍ନୀ ପରିବାର ବର୍ଗ ଉପସ୍ଥିତ ଥିବା ବେଳେ ସୁବର୍ଣ୍ଣରେଖା ନଦୀ କୂଳ ଶ୍ମଶାନରେ ପୁତ୍ର ଅବିନାଶ ସିଂ ମୁଖାଗ୍ନୀ ଦେଇଛନ୍ତି ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ୟାଙ୍କର

**ଆନନ୍ଦପୁର : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ୨୦ ନମ୍ବର ରାଜପଥ କୋଳିମାଟି ନିକଟରେ ଶୁକ୍ରବାର ଏକ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି । କେନ୍ଦୁଝରରୁ ବାଲେଶ୍ୱର ଯାଉଥିବା ଏହି ଟ୍ୟାଙ୍କରଟି କୋଳିମାଟି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବାବେଳେ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଗାଡ଼ି ଭିତରୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ । ସେହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକେ କହୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ କହିଛନ୍ତି ।

# ଧାନ କିଣାରେ ଅହେତୁକ ବିଳମ୍ବ, ଏଫ୍‌ଏକ୍ୟୁ ବାହାନାରେ ଚାଷୀ ଶୋଷଣ

**ଭଦ୍ରକ, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲାରେ ମଣ୍ଡିରୁ ଧାନ କିଣାରେ ଅହେତୁକ ବିଳମ୍ବ ଓ ଏଫ୍‌ଏକ୍ୟୁ ବାହାନାରେ ଚାଷୀଙ୍କୁ ଶୋଷଣ କରିବା ସମ୍ବନ୍ଧରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କାନ୍ତ ମହାନ୍ତି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମିଲର ଓ ପ୍ରଶାସକଙ୍କ ଆସାଧୁ ମେଳି ପାଇଁ ଚାଷୀ ହତାଶ ହେବା ସହିତ କିଭଳି ଧାନକିଣା ନିୟମ ଚାଷୀଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ କରିଛି ଓ ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ କିଭଳି ଚାଷୀଙ୍କ ଧାନ ନେବାକୁ ପ୍ରଶାସନ ଲୁଚକାଳି ଖେଳୁଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଦଳି ଚକଟି ଦେଇଛି, ଏଫ୍‌ଏକ୍ୟୁ ମାନର ଧାନ କିଣା ଯିବା କହି ସରକାର ସମୟ ଗଡ଼ାଇ ଚାଲିଛନ୍ତି, ଏହି ବାହାନାରେ ଚାଷୀଙ୍କ ଧାନ ନନେବାକୁ ଚାଲ୍ କରିଛନ୍ତି, ଏଫ୍‌ଏକ୍ୟୁ ବାହାନାରେ ସରକାର ଅନଭିଜ୍ଞ ଘରୋଇ ସଂସ୍ଥାକୁ ଅନଭିଜ୍ଞ କ୍ୱାଲିଟି ଆନାଲାଇସରଙ୍କ ଦ୍ୱାରା ଧାନର ମାନ ନିର୍ଦ୍ଧାରଣ କରିବାକୁ ଦିଆଯାଇଛି, ଧାନ କିଣା ସମୟ ଗଡ଼ାଇ ଚାଷୀଙ୍କ ଯନ୍ତ୍ରଣା ବଢାଇଛନ୍ତି, ଧାନ ଚାଷ କରି ଚାଷୀ ଦଣ୍ଡ ପାଉଛନ୍ତି, ୫ ତାରିଖରୁ ମଣ୍ଡିରେ କଣ୍ଟା ପୂଜା ସାରିଦେଇ ସରକାର ହାତବାନ୍ଧି ବସିଛନ୍ତି, ଜିଲ୍ଲାରେ ୮୦ ହଜାର ଟୋକନ୍ ଇସୁ ହେଇଛି, କିଛି ଟୋକନର ଅବଧି ଫେବୃଆରୀ ୫ ତାରିଖରେ ସରୁଛି, ମିଲର ଧାନ ନ କିଣିବାରୁ ମଣ୍ଡିରେ, ଖଳାରେ ଧାନ ବସ୍ତା ଗଦାଗଦା ହୋଇ ପଡ଼ି ରହିଛି, ଚାଷୀ ହତାଶ ହୋଇ ନିଜର ଅତ୍ୟାବଶ୍ୟକ



ସମସ୍ୟା ମେଣ୍ଟାଇବା ନିମନ୍ତେ ବାଧହୋଇ, ହତାସ ହୋଇ ନିର୍ଦ୍ଧାରିତ ମୂଲ୍ୟର ଅଧା ଦରରେ ୧୪୦୦ ରୁ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି ଯାହା ଦୁଃର୍ଭାଗ୍ୟ ଜନକ, ସରକାର ଜାଣିଶୁଣି ବିଳମ୍ବ କରୁଛନ୍ତି ମିଲରଙ୍କୁ ଖୁସି କରିବା ପାଇଁ ଧାନ ସୁଖିଗଲେ କିଣିବା ପାଇଁ ଯୋଜନା କରିଛନ୍ତି, ଆଗରୁ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ମଣ୍ଡି ଖୋଲୁଥିଲେ ଏଥର ବିଳମ୍ବରେ ଜାନୁୟାରୀ ୫ରେ ଖୋଲିଲେ ଅଦ୍ୟାବଧି ଗୋଟେ କେଜି ବି ଧାନ କିଣି ନାହାନ୍ତି, ପରିସ୍ଥିତ ଏପରି ହୋଇଛି ଧାନ ଚାଷ ଓ ଅମଳ କଷ୍ଟ ଠାରୁ ଧାନ ବିକ୍ରୀର କଷ୍ଟ ଚାଷୀଙ୍କ ପାଇଁ ଦ୍ୱିଗୁଣିତ ହୋଇଛି ।

ଜିଲା ମହୋତ୍ସବ ନାଁରେ ଜିଲାର ସମ୍ମାନକୁ କେମିତି ଦଳି ଦିଆଗଲା ସେଇଟା ସାରା ଓଡିଶା ଦେଖିଲା । ଶାସକ ଦଳର କନ୍ଦଳ ପାଇଁ ମହୋତ୍ସବକୁ ଗୋଟିଏ ଦିନ ବନ୍ଦ କରି ଦିଆଗଲା । ଏବେ ସେଥିରେ ପ୍ୟାଚ ପକାଇବାକୁ ଜିଲା ପ୍ରଶାସନ ମାତିଛି । ଏପଟେ ହଜାର ହଜାର ଚାଷୀ ଧାନ ବିକି ନପାରି କାନ୍ଦୁଛନ୍ତି । କଂଗ୍ରେସ ଦଳ ଏଠାରେ ଏକ ନୀତିଗତ ଦାବି ରଖୁଛି । ଜିଲାପାଳ ଏକ ସ୍ପେଶାଲ ସ୍କ୍ୱାର୍ଡ ଗଠନ କରନ୍ତୁ, ମିଲରଙ୍କ ଗୋଦାମ ଯାଞ୍ଚ କରନ୍ତୁ । କେଉଁ ମିଲରେ କେତେ ଧାନ ଅଛି ତାହା ଦେଖନ୍ତୁ । ସେହିସବୁ ଧାନ ଚାଷୀଙ୍କର ନା ଦଲାଲ ଆଗୁଆ ମିଲରେ ରଖିଛନ୍ତି ତାର ତଦନ୍ତ ହେଉଛ ସବୁକଥାରେ ପ୍ରଚାରକୁ ଗୁରୁତ୍ୱ ଦେଉଥିବା ପ୍ରଶାସନ ଏହି ଚଢଉ ମଧ୍ୟ ମିଡିଆ ବନ୍ଧୁଙ୍କ ସାଥିରେ ନେଇ କରୁ । ସେହିଭଳି ପ୍ରତି ଧାନକିଣା କେନ୍ଦ୍ରରେ ସିସିଟିଭି ଲାଗିବାର ନିୟମ ରହିଛି । ଆମର ଦାବି ହେଲା ପ୍ରତିଦିନ ପ୍ରତି ଧାନକିଣା କେନ୍ଦ୍ରର ସିସିଟିଭି ଫୁଟେଜ ପ୍ରଶାସନ ନିଜ ୱେବସାଇଟରେ ଅପଲୋଡ କରୁ । କେଉଁ ସୋସାଇଟିରେ ଦୈନିକ କେତେ ଧାନକିଣା ହେଲା, ମିଲର ଗାଡି କେତେ ଧାନ ଉଠାଇଲା ସେସବୁ ଆପକୁ ଆପେ ଜଣାପଡିବ । ଭଦ୍ରାୟଣୀର ନାଚଗୀତକୁ ଅପଲୋଡ କରିବାର ବ୍ୟବସ୍ଥା କରିଥିବା ପ୍ରଶାସନ ଚାଷୀଙ୍କ ପାଇଁ ତଥା ଧାନକିଣାରେ ସ୍ୱଚ୍ଛତା ରକ୍ଷା ପାଇଁ ଏହା କରୁ । ଏହା ନକଲେ ମିଲର–ଦଲାଲ–ପ୍ରଶାସନ ଓ ଶାସକଦଳ ନେତାଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଛି ବୋଲି ଧରାଯିବ, ଏହାସହିତ ଜିଲ୍ଲା ପ୍ରଶାସନ ନିକଟରେ ବିଭିନ୍ନ ଦାବି ଉତ୍ଥାପନ କରିଥିଲେ ଯଥା,ଚାଷୀଙ୍କ ଟୋକନ ଅବଧି ବଢା ଯାଉ, ଏଅଖ ବାହାନାରେ ଚାଷୀଙ୍କୁ ଶୋଷଣ କରାନଯାଉ, ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଠାରୁ ଧାନ କିଣା ଯାଉ, କଟନି ଛଟନି ବନ୍ଦ କରାଯାଉ, ଯେହେତୁ ସରକାର କୌଣସି ଇନ୍‌ପୁଟ୍ ସବ୍‌ସିଡି ଦେଇନାହାନ୍ତି, ଯାହା ଘୋଷଣା କରିଥିଲେ ପାଳନ କରନ୍ତୁ, ଯେଉଁଠି ମଣ୍ଡି ଖୋଲା ଯାଇନି ତୁରନ୍ତ ଖୋଲା ଯାଉ, ସରକାର ତୁରନ୍ତ ମଣ୍ଡିରୁ ଧାନ କିଣିବା ସହିତ ଚାଷୀଙ୍କ ସମସ୍ୟାର ସମାଧାନ ଓ ଉପରୋକ୍ତ ଦାବି ଗୁଡ଼ିକ ପୁରଣ ନକଲେ ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାନ ବସ୍ତା ରଖି ଘେରାଉ କରିବ, ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୁପ ମହାନ୍ତି, ଟାଉନ ସଭାପତି ମୋକିତ ଖାନ, ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ଅମିତାବାଳା ଆଚାର୍ଯ୍ୟ, ରାଜେନ୍ଦ୍ର ପ୍ରସାଦ ଜେନା, ପ୍ରଦ୍ୟୁମ୍ନ ଦାସ, ଶର୍ମିଷ୍ଠା ପଣ୍ଡା, ବିଜୟ ବାରିକ, ମନୋଜ ମଲ୍ଲିକ, ସୁଧାଂଶୁ ଶେଖର ନାୟକ, ସବିର ଖାନଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ ।

## ସରପଞ୍ଚଙ୍କ ଘରୁ ଚୋରି

**ବୈଶିଙ୍ଗା, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ସରପଞ୍ଚଙ୍କ ଘରେ ଅଜଣା ଦୁର୍ବୃତ୍ତ ଘରେ କେହି ନଥିବା ସୁଯୋଗରେ କଳାକନା ବୁଲାଇ ଦେଇଥିବା ନେଇ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ଏହି ଅଞ୍ଚଳରେ ଉତ୍ପାତ କରୁଥିବା ଖବର ପାଇ କିଛି ଗ୍ରାମବାସୀଙ୍କ ସହ ଏହାକୁ ତଡିବା ପାଇଁ ସରପଞ୍ଚ ମମତା ନାୟକଙ୍କ ସ୍ୱାମୀ ସଞ୍ଜୟ ଜେନା ଯାଇଥିଲେ । ମମତା ମଧ୍ୟ ଗାଁ ଭିତରକୁ ବୁଲିବାକୁ ଯାଇଥିଲେ । ଠିକ୍ ସେହି ସୁଯୋଗରେ ସରପଞ୍ଚଙ୍କ ବେଲାଣପୁରା ଠାରେ ଥିବା ଘର ତାଲା ଭାଙ୍ଗିବା ସହ ଶୋଇବା ଘରେ ଥିବା ଲୁହା ଆଲମିରା ଚାବି ଭାଙ୍ଗି ସମସ୍ତ ସୁନା ରୁପା ଗହଣା ଚୋରି କରିନେଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ପୋଲିସ ପକ୍ଷରୁ ୩୧ ନଂରେ ଏକ ମାମଲା ରୁଜୁ କରାଯାଇ ଏଏସଆଇ ସପନ କୁମାର ବିଶ୍ୱାଳଙ୍କ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି । ଗୁରୁବାର ବାରିପଦାରୁ ତାଲିମ ପ୍ରାପ୍ତ ପୋଲିସ କୁକୁର ସହାୟତାରେ ଘଟଣାର ଛାନଭିନ କରାଯାଇଛି । ତେବେ ଗୋପନୀୟତା ଦୃଷ୍ଟିରୁ ତଦନ୍ତର ଅଗ୍ରଗତି ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ ।

## ଅସାଧୁ କର୍ମଚାରୀ ଓ ମିଲର କରୁଛନ୍ତି ଚାଷୀ ଶୋଷଣ

**ନିଆଳି, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ ଚଳିତ ବର୍ଷ ନା ଅଛି ବର୍ଷା, ନା ହୋଇଛି ଧାନ ଖରାପ । ଏକ ପ୍ରକାର ସ୍ଥିର ହୋଇଯାଇଛି ୫ କିଲୋ କଟଣି ଛଟଣି । ଅଖା ବାବଦେ କ୍ୱିଣ୍ଟାଲ ପିଛା ୧ କିଲୋ ୫ ଶହ ଗ୍ରାମ । ଧାନର ମାନ ପରୀକ୍ଷଣ ନ କରି ମନ ଇଚ୍ଛା ଚାଲିଛି କଟଣି ଛଟଣି । ଚାଷୀମାନଙ୍କୁ କେତେକ ସେବା ସମବାୟ ସମିତିରେ ବୁଝେଇ ଦିଆଯାଉଛି ୫ କିଲୋ କଟଣି ଛଟଣିରେ କାହାର କେତେ ଭାଗ ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଡିଓ, ତହସିଲଦାର ଓ ବ୍ଲକ ଯୋଗାଣ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଚାଷୀଙ୍କ କଟଣି ଛଟଣି ବନ୍ଦ କରିବା ସହ ଚାଷୀମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା । ପ୍ରଶାସନିକ ଅଧିକାରୀମାନେ ଏହି ନିୟମକୁ ଉଲଙ୍ଘନ କରି କେତେକ ମଣ୍ଡି କୁ ଯାଉନାହାନ୍ତି ତ ଆଉ ଯେଉଁଠିକି ଯାଉଛନ୍ତି ସେଠାରେ ନଡ଼ିଆ ବାଡେଇ ଫୋଟୋ ଉଠାଇ କାମ ସାରି ଦେଉଛନ୍ତି । କିନ୍ତୁ ଚାଷୀ ଧାନର ମାନ ଯାଞ୍ଚ ପାଇଁ ଗ୍ରେନ ଅନାଲାଇଜର ମେସିନ ନ ଥିବା ବେଳେ ଧାନର ମାନ କିପରି ଯାଞ୍ଚ ହେବ ତଦାରଖ ନ କରି ଚାଲି ଯାଉଛନ୍ତି ଅତିଥିମାନେ । କିନ୍ତୁ ଧାନ ପଡିକି ରହୁଥିବା ବେଳେ ଅନ୍ୟପଟେ ସରକାରୀ କାଗଜ ପତ୍ରରେ କଟଣି ଛଟଣି ବନ୍ଦ କିନ୍ତୁ ବାସ୍ତବ କ୍ଷେତ୍ରରେ ଭିନ୍ନ । ବିନା କଟଣି ଛଟଣି ରେ ମିଲର ମାନେ ଉଠାଉ ନାହାନ୍ତି ଧାନ । ଅସାଧୁ କର୍ମଚାରୀ ସମ୍ପାଦକ କେତେକ ସମବାୟ ସମିତିର ସଭାପତି ଓ ମିଲର୍ସଙ୍କ ମିଳିଭଗତ ଯୋଗୁ ମାନ ପରୀକ୍ଷଣ ଭଳି ଝିନ୍ ଝଟରେ ନ ପଶି ୫ କିଲୋ କଟଣି ଛଟଣି କରାଇ ଚାଷୀଙ୍କ ଠାରୁ ଲୁଟି ନେଉଛନ୍ତି ଧାନ । ଏଭଳି ସାଙ୍ଘାତିକ ତଥ୍ୟ ଆସିଛି ତ୍ରିଲୋଚନେଶ୍ୱର ସେବା ସମବାୟ ସମିତିରେ । ଉକ୍ତ ସେବା ସମବାୟ ସମିତିରେ ଚଳିତ ବର୍ଷ ୨୮୫ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଆରମ୍ଭରୁ କଟଣି ଛଟଣିକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ମିଲରମାନେ ବିଳମ୍ବରେ ଅଖା ଦେଇଥିବା ବେଳେ ସେଥିମଧ୍ୟରୁ ଅଧିକାଂଶ ଅଖା ଚିରା ଫଟା ଦେଖିବାକୁ ମିଳିଛି । ସବୁ ଜାଣି କିଛି ନ ଜାଣିଲା ଭଳି ଉପସ୍ଥିତ ଥିବା ଅତିଥିମାନେ ଦେଖି ନ ଦେଖିଲା ଭଳି ଆଖି ବୁଜି ଦେଉଛନ୍ତି । ଆରଏମ୍‌ସି କର୍ତ୍ତୃପକ୍ଷ ମଣ୍ଡିରେ ଅସ୍ଥାୟୀ ଶିବିର, ଶୌଚାଳୟ, ପାନୀୟ ଜଳର କୌଣସି ବ୍ୟବସ୍ଥା ନ କରି ଏଥି ନିମନ୍ତେ ଆସୁଥିବା ଅର୍ଥକୁ ଆତ୍ମସାତ କରିଥିବା ଅଭିଯୋଗ ହେଉଛି । ଆଗାମୀ ବଡ଼ ଧରଣର ସ୍କାମକୁ ନେଉ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଓଡ଼ିଶା ସରକାରଙ୍କ ରାଜସ୍ୱ ଖତିଆନରେ ନାହିଁ କନିକା ବାଲିଦ୍ୱୀପ

**ଭଦ୍ରକ, ୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଭଦ୍ରକ ଜିଲ୍ଲା, ଧାମରା ବନ୍ଦର ନିକଟବର୍ତ୍ତୀ ଉଡ଼ାବାଲି ଦ୍ୱୀପ ବା କନିକା ବାଲିଦ୍ୱୀପ । ଜନବସତିବିହୀନ ଏହି ଦ୍ୱୀପଟି ଜାତୀୟ ସୁରକ୍ଷା ନେଇ ରଣନୀତି ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟ ପୁଲିସ ପକ୍ଷରୁ କୁହାଯାଇଛି । କନିକା ବାଲିଦ୍ୱୀପରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ପତାକା ଉତ୍ତୋଳନ କରି ଓଡ଼ିଶା ସୀମା ଦ୍ୱୀପ ପୁଞ୍ଜ ଆମର ଅଭିନ୍ନ ଅଙ୍ଗ ବୋଲି ବାର୍ତ୍ତା ଦେଇଛନ୍ତି । ତେବେ ଉପକୂଳ ସୁରକ୍ଷା କ୍ଷେତ୍ରରେ ପୁଲିସ ଲାଗି ଗୁରୁତ୍ୱପୂର୍ଣ୍ଣ ଏହି ବାଲିଦ୍ୱୀପଟି କିନ୍ତୁ ଓଡ଼ିଶା ସରକାରଙ୍କ ରାଜସ୍ୱ ଖାତା ଖତିଆନରେ ନାହିଁ । ଅତୀତରେ ଏହି ବାଲିଦ୍ୱୀପର ମାଲିକାନା ନେଇ ବିବାଦ ସତ୍ତ୍ୱେ ସରକାର ଚେତି ନାହାନ୍ତି । ଧାମରା ବନ୍ଦର ନିକଟରେ ପ୍ରାୟ ୧୨ ଶହ ଏକର ପରିମିତ ଏହି ପ୍ରକୃତି ପ୍ରଦତ୍ତ ବାଲିଚଢ଼ାର ଯଥେଷ୍ଟ ଐତିହାସିକ ଓ ବୈଷୟିକ ଗୁରୁତ୍ୱ ରହିଛି । ବ୍ରିଟିଶ ସରକାର ଅମଳରେ କନିକା ବାଲିଦ୍ୱୀପରେ ବଡ଼ ବଡ଼ ଜାହାଜ ଲଙ୍ଗର ପକାଉଥିଲା ଓ ଛୋଟ ଜାହାଜ ଜରିଆରେ ପୁରାତନ ଧାମରା ବନ୍ଦରକୁ ମାଲ ପରିବହନ ହେଉଥିଲା । ଏହି ବାଲିଚଢ଼ା ଯୋଗୁଁ ଧାମରାରେ ବିଶ୍ୱର ସବୁଠାରୁ ବଡ଼ ପ୍ରାକୃତିକ ପୋତାଶ୍ରୟ ପ୍ରତିଷ୍ଠା ସମ୍ଭବ ହୋଇପାରିଛି । ସମୁଦ୍ରର ଉତ୍ତାଳ ଜଳରାଶି କନିକା ବାଲିଦ୍ୱୀପରେ ମାଡ଼ ଖାଇବା ପରେ ଧାମରା ବନ୍ଦର ମଧ୍ୟକୁ ଲମ୍ବିଥିବା ପ୍ରାକୃତିକ ନାଳ(ଚାନେଲ)ରେ ପ୍ରବେଶ କରିଥାଏ । ଏହି କାରଣରୁ ନାଳର ଜଳରାଶି ପ୍ରାୟ ସ୍ଥିର ରହିଥାଏ, ଯାହାକି ବନ୍ଦରରେ ଜାହାଜ ରହଣି ପାଇଁ ସୁବିଧାଜନକ ହୋଇଥାଏ । ଏଣୁ କନିକା ବାଲିଦ୍ୱୀପ ଯୋଗୁଁ ଏସିଆର ସର୍ବବୃହତ୍ ବନ୍ଦର ପ୍ରତିଷ୍ଠା ଲାଗି ଧାମରା ଉପକୂଳ ପ୍ରକୃଷ୍ଟ ସ୍ଥାନ ହୋଇଥିଲା । ନିଜର ବ୍ୟାବସାୟିକ କ୍ଷତି ଆଶଙ୍କା କରି ଅତୀତରେ କଲକାତା ପୋର୍ଟ ଟ୍ରଷ୍ଟ କନିକା ବାଲିଦ୍ୱୀପ ଉପରେ ମାଲିକାନା ଜାହିର କରିଥିଲା । ୨୦୦୫ ଜୁଲାଇ ୮ ତାରିଖରେ କଲକତା ପୋର୍ଟ ଟ୍ରଷ୍ଟ କନିକା ବାଲିଦ୍ୱୀପକୁ ନିଜ ପରିସୀମା ଭିତରେ ଦର୍ଶାଇ ଏକ ଆନ୍ତର୍ଜାତିକ ଟେଣ୍ଡର ବି ଆହ୍ୱାନ କରିଥିଲା ।

ଯେଉଁଥିରେ କନିକା ବାଲିଦ୍ୱୀପରେ ବଡ଼ ଜାହାଜରୁ ମାଲ ଖଲାସ କରି ଛୋଟ ଜାହାଜରେ କଲକାତା ବନ୍ଦରକୁ ମାଲ ପରିବହନ କରାଯିବ ବୋଲି ଦର୍ଶାଯାଇଥିଲା । କଲକାତା ପୋର୍ଟ ଟ୍ରଷ୍ଟର ଏହି କାର୍ଯ୍ୟକୁ ସେତେବେଳେ ରାଜ୍ୟ ସରକାର ବିରୋଧ କରିଥିଲେ ଏବଂ ଉକ୍ତ ଟେଣ୍ଡର ଉପରେ କୌଣସି ନିଷ୍ପତ୍ତି ହୋଇ ନଥିଲା । ୫ ମାସ ପରେ କଲକତା ପୋର୍ଟର ତତ୍କାଳୀନ ଉପାଧ୍ୟକ୍ଷ ଏମ.ଏ. ଭାସ୍କରାଚାର୍ଯ୍ୟ ଓଡ଼ିଶା ସରକାରଙ୍କ ବାଣିଜ୍ୟ ବିଭାଗକୁ ଚିଠି ଲେଖି କନିକା ବାଲିଦ୍ୱୀପ 'ଆମର' ବୋଲି ପୁଣି ଦାବି କରିଥିଲେ । ଫଳରେ ଓଡିଶା ସରକାର କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ତଥ୍ୟ ଓ ନକ୍ସା ସହ ଚିଠି ଲେଖି କନିକା ବାଲିଦ୍ୱୀପ ଉପରେ କଲକାତା ପୋର୍ଟ ଟ୍ରଷ୍ଟର ଅଯଥା ମାଲିକାନା ଦାବିକୁ ବିରୋଧ କରିଥିଲେ । ୨୦୦୬ ମେ' ମାସରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ କନିକା ବାଲିଦ୍ୱୀପ ଉପରେ କେବଳ ଓଡିଶା ସରକାରଙ୍କ ଅଧିକାର ରହିଛି ବୋଲି ସ୍ପଷ୍ଟ କରିଥିଲେ । ଫଳରେ ଧାମରାରେ ବନ୍ଦର ପ୍ରତିଷ୍ଠା କରାଇ ନଦେବା ଲାଗି କଲକତା ପୋର୍ଟ ଟ୍ରଷ୍ଟର ଷଡଯନ୍ତ୍ର ସେତେବେଳେ ଅକାମୀ ହୋଇଥିଲା ।

ସେବେଠାରୁ କନିକା ବାଲିଦ୍ୱୀପକୁ ନେଇ ବିବାଦ ଆଉ ସାମ୍ନାକୁ ଆସି ନ ଥିଲେ ହେଁ ଏହି ବାଲିଦ୍ୱୀପଟି ଏବେ ସୁଦ୍ଧା ଓଡ଼ିଶା ସରକାରଙ୍କ ରାଜସ୍ୱ ଖତିୟାନକୁ ଆସିପାରି ନାହିଁ । ୧୯୮୭ ମସିହାରେ ସେଟଲମେଣ୍ଟ ଓ ଲାଣ୍ଡ ସର୍ଭେ ବେଳେ ସମୁଦ୍ର ମଧ୍ୟରେ ଥିବା ୨୬୩ ଏକର ପରିମିତ ଆଉଟର ହ୍ୱିଲର ଆଇଲାଣ୍ଡ(ତେନ୍ତୁଲିଆ ଚଢା), ୫୨ ଏକର ପରିମିତ ଲଙ୍ଗ ହ୍ୱିଲର ଆଇଲାଣ୍ଡ(ବାବୁବାଲି ଚଢା), ୧୦.୬୩ ଏକର ପରିମିତ ସ୍ମଲ ହ୍ୱିଲର ଆଇଲାଣ୍ଡ(ବାଲୁବାଲି ଚଢା), ୪୧ ଏକର ପରିମିତ ସର୍ଟସ୍ ହ୍ୱିଲର ଆଇଲାଣ୍ଡ(ବଡିଘର), ୯୭ ଏକର ପରିମିତ କୋକନଟ ହ୍ୱିଲର ଆଇଲାଣ୍ଡ (ନଡିଆ ବାଲି)କୁ ସୀମାଙ୍କିତ (ଡିମାର୍କେସନ) କରାଯାଇଥିଲା । ଏହିସବୁ ବାଲିଦ୍ୱୀପକୁ ସେତେବେଳେ ଚାନ୍ଦବାଲି ତହସିଲର ଖତିୟାନ(ଲାଣ୍ଡ ରେକର୍ଡ)କୁ ଅଣାଯାଇଥିଲା ।

ସେଥିରୁ ଆଉଟର ହ୍ୱିଲର ଆଇଲାଣ୍ଡରେ ଏବେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି, ଯାହାକୁ ରାଜ୍ୟ ସରକାର କଲାମ ଦ୍ୱୀପ ଭାବେ ନାମିତ କରିଛନ୍ତି । କିନ୍ତୁ ୧୯୮୭ର ଉକ୍ତ ସର୍ଭେବେଳେ କନିକା ବାଲି ଦ୍ୱୀପକୁ କାହିଁକି ସର୍ଭେଭୁକ୍ତ କରାଗଲା ନାହିଁ, ତାହା ଏଯାଏ ଅସ୍ପଷ୍ଟ ରହିଛି । ଏପରିକି ୧୯୯୮ ମସିହାରେ ଭିତରକନିକା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ କରାଯିବା ସମୟରେ ମଧ୍ୟ ଉକ୍ତ ବାଲିଦ୍ୱୀପକୁ ସରକାରୀ ରେକର୍ଡ଼ଭୁକ୍ତ କରାଯାଇ ନ ଥିଲା । ସେହିଭଳି ୨୦୦୫ର କଲକାତା ପୋର୍ଟ ଟ୍ରଷ୍ଟ ଆଡୁ ବିବାଦ ପରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଜମିକୁ ସରକାରୀ ଖତିୟାନକୁ ଆଣିବା ଲାଗି ସେଟଲମେଣ୍ଟ ଓ ଲାଣ୍ଡ ସର୍ଭେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ରାଜସ୍ୱ ବିଭାଗକୁ ଚିଠି ଲେଖାଯାଇଥିଲାଛ ତଥାପି ଆଜି ଯାଏ ସରକାରଙ୍କର ଚେତା ପଶିଲା ନାହିଁ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ








# ପ୍ରଥମ ସ୍ୱାଧୀନତା ସଂଗ୍ରାମର ମହାନାୟକ ବକ୍ସି ଜଗବନ୍ଧୁ

**ସତ୍ୟବାଦୀ ବଳିଆରସିଂହ**

୧୮୧୭ ପାଇକ ବିଦ୍ରୋହକୁ ଇଂରେଜମାନେ ପାଇକ ବିଦ୍ରୋହ ଆଖ୍ୟା ଦେଇଥିଲେ ହେଁ ତାହାଥିଲା ବାସ୍ତବରେ ଓଡ଼ିଶାର ଗଣ ବିପ୍ଳବ । ବିଭିନ୍ନ କାରଣରୁ ପ୍ରତ୍ୟେକ ବର୍ଗର ଲୋକମାନଙ୍କର ଏହି ବିପ୍ଳବରେ ସମର୍ଥନ ଥିଲା । ଏହାର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ରାଜାଙ୍କ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର । ଏହି ମହାବିପ୍ଳବର ମହାନାୟକ ବକ୍ସି ଜଗବନ୍ଧୁଙ୍କ ମହାପ୍ରୟାଣ ହୋଇଥିଲା ୧୮୨୯ ମସିହା ଜାନୁଆରୀ ୨୪ ତାରିଖ। ବକ୍ସି ନାମ ଉଚ୍ଚାରଣ ମାତ୍ରେ ପ୍ରତ୍ୟେକ ଓଡ଼ିଆର ଲୋମ ଟାଙ୍କୁରି ଉଠେ। ବ୍ରହ୍ମଗିରି ନିକଟବର୍ତ୍ତୀ ରୋଡ଼ଙ୍ଗ ଗଡ଼ ହେଉଛି ତାଙ୍କର ଜନ୍ମସ୍ଥାନ । ସେ ଖୋର୍ଦ୍ଧା ରାଜାଙ୍କର ବଂଶାନୁକ୍ରମିକ ସେନାପତି ପଦରେ ରହିଥିଲେ। ଘୁମୁସର, ଶେରଗଡ଼ ଓ ବଡ଼ମ୍ବା ରାଜ ପରିବାର ସହିତ ତାଙ୍କ ପରିବାରର ବୈବାହିକ ସମ୍ପର୍କ ଥିଲା। ସେ ଖୋର୍ଦ୍ଧା ରାଜାଙ୍କ ବଂଶଗତ ବକ୍ସି ବା ସେନାପତି ଥିବାରୁ ତାଙ୍କର ମାନମର୍ଯ୍ୟାଦା ଯଥେଷ୍ଟ ଥିଲା । ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଜନସାଧାରଣ ତାଙ୍କ ବଂଶ ଓ ତାଙ୍କ ପ୍ରତି ସମ୍ମାନ ଦେଖାଉଥିଲେ । ଏହି କାରଣରୁ ସେ ଜାଗିରି ହରାଇ ସର୍ବସ୍ୱାନ୍ତ ହୋଇଯିବା ଅବସ୍ଥାରେ ବିଭିନ୍ନ ରାଜା, ଜମିଦାର ଓ ଜନସାଧାରଣଙ୍କ ଆର୍ଥିକ ସାହାଯ୍ୟ ଓ ସହାନୁଭୂତି ଲାଭ କରିଥିଲେ। ବିପଦକୁ ବରଣ କରି ମଧ୍ୟ ବହୁ ଦଳେଇ ଦଳବେହେରା ଜମିଦାର ରାଜା ତାଙ୍କୁ ବିଦ୍ରୋହରେ ସାହାଯ୍ୟ କରିଥିଲେ ଏବଂ ଦୁର୍ବଳ ଅବସ୍ଥାରେ ଆଶ୍ରୟ ଦାନ କରିଥିଲେ । ଇଂରେଜମାନଙ୍କ ଖୋର୍ଦ୍ଧା ଆଗମନ ପୂର୍ବରୁ ଖୋର୍ଦ୍ଧାର ରାଜା ନାବାଳକ ମୁକୁନ୍ଦଦେବ ଜୟୀ ରାଜଗୁରୁଙ୍କ




ନିୟନ୍ତ୍ରଣରେ ଥିଲେ। ରାଜଗୁରୁଙ୍କ ମନ୍ତ୍ରଣାରେ ଦେଓ୍ୱାନ (ମନ୍ତ୍ରୀ), ବକ୍ସି(ସେନାପତି)ଙ୍କ ସହ ରାଜାଙ୍କ ସଂପର୍କକୁ ଦୂରେଇଦିଆଯାଇଥିଲା। କାରଣ ବକ୍ସି ଇଂରେଜମାନଙ୍କ ଆଗମନକୁ ବିରୋଧ କରୁଥିଲେ । ଗଞ୍ଜାମ ପଟୁ ବାଲୁଗାଁ ଖୋର୍ଦ୍ଧା ଦେଇ କଟକ ଯିବାକୁ ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଚାହିଁଥିଲା । ଇଂରେଜ ସେନାପତି ମେଲ୍‌ଭିଲ ବକ୍ସି ଜଗବନ୍ଧୁଙ୍କୁ ପରମଗୁରୁଙ୍କ ହାତରେ ପତ୍ର ଦେଇ ଜଣାଇଥିଲେ। ତା'ର ଉତ୍ତରରେ ବକ୍ସି ବାଲୁଗାଁ ଖୋର୍ଦ୍ଧା ଦେଇ କଟକ ଦେଇ ଯିବାକୁ ମନା କରି ଦେଇଥିଲେ । ମଧୁସୁଦନ ବିପ୍ରଙ୍କ 'ଫିରିଙ୍ଗିକଳି ଭାରତ' ୮ମ ଅଧ୍ୟାୟ ପୃ ୧୮୬-୮୭ରେ ଏହା ନିମ୍ନମତେ ବର୍ଣ୍ଣିତ ହୋଇଛି: 'ବକ୍ସିଙ୍କ ଠାରୁ ଲେଖିଲେ ପତ୍ର, ବାଣପୁର ସଳଖେ ଆମ୍ଭଙ୍କୁ ଦିଅ ପଥ । ପତ୍ରଘେନି ଦେଶାଭର ବହନ ଚଳିଲା, ବାଣପୁର ଦ୍ୱାରେ ପ୍ରବେଶ ହୋଇଲା। ଦ୍ୱାରିଙ୍କି ବୋଇଲାରେ ଲେଖିଛି ସାହେବ, ଜଗବନ୍ଧୁ ବିଦ୍ୟାଧରଙ୍କୁ ଏ ପତ୍ର ଦେବ । ସେ ଚିଟି ଆଣି ଦ୍ୱାରି ବକ୍ସିଙ୍କୁ ଦେଲା, ସାହେବଙ୍କ ପତ୍ର ବୋଲି ଆଗରେ କହିଲା। ଶୁଣି ବକ୍ସି ବୋଲନ୍ତିରେ ବାଇ, ଏ ବାଟେ ଯିବାକୁ ନୃପତି ଆଜ୍ଞା ନାହିଁ। ସେ ସଳଖେ ମୁହିଁ କେମନ୍ତେ ଦେବି ବାଟ, ମହା ବଳୀଆର ଯେ ରାଜନ ମୁକୁଟ। ଏତେ ବୋଲି ଚିଟାଉ ଲେଖିଲେ ବକ୍ସି, ଲଘୁମ ପରମଗୁରୁଙ୍କୁ ଦେଲେ ପେଶି। ଚିଟି ଘେନିଣ ଯେ ପରମଗୁରୁ ଗଲା, ମିଲି ମିଲି ସାହେବର ହାତରେ ଲେଖାଦେଲା । xxx ମିଲି ମିଲି ସାହେବ ପଚାରେ ଗୁରୁଙ୍କୁ, ନୃପତିର ତେଜ ଲାଗେ କେତେକ ଦୂରକୁ । xxx ପରମଗୁରୁ କହେ ଏହା କାହିଁକି ପଚାର, ଯେତେଦୂର ଜଗନ୍ନାଥ ମହିମା ବିକାଶଇ, ତେତେଦୂର ନୃପତିର ତେଜ ପ୍ରକାଶଇ। x ଶୁଣିଣ ଫିରିଙ୍ଗି ବଡ଼ ଆନନ୍ଦ ହୋଇଲା, ରାଜାର ବ୍ରାହ୍ମଣ ବୋଲି ଶାଲ ଧୋତିଦେଲା । ଅନେକ ପ୍ରକାରେ ବହୁକଳା ପଉରୁଷ, ନୃପତିଙ୍କ ଛାମୁଙ୍କୁ ଲେଖିଲା ଉଦେଶ୍ୟ । ଦେଖା ଦରଶନୀ ଧନ ଅନେକ ସେ ଦେଲା, ଦୁଇ ଜଣଙ୍କୁ ଡାକି ଛାମୁକୁ ପେଶିଲା ।

ବକ୍ସି ଜଗବନ୍ଧୁ ବିଦ୍ରୋହ କରିବା ସମୟରେ ଯୌବନାବସ୍ଥା ଅତିକ୍ରମ କରିସାରିଥିଲେ ମଧ୍ୟ ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚିନଥିଲେ । ବାଲ୍ୟବସ୍ଥାରୁ କୁସ୍ତି କସରତ କରୁଥିବାରୁ ତାଙ୍କର ସ୍ୱାସ୍ଥ୍ୟ ଭଲ ଥିଲା । ଜନଶ୍ରୁତି କହେ, ସେ ଜଣେ ସୁନ୍ଦର ବଳିଷ୍ଠ ପୁରୁଷ ଥିଲେ । ଖୋର୍ଦ୍ଧାର ଏକ ପ୍ରାଚୀନ ମନ୍ଦିରରେ ଥିବା ୧୦x୫x୨.୫ ଫୁଟର ଏକ ବିଶାଳ ପଥରକୁ ଏକାକୀ ତଳୁ ଉପରକୁ ଉଠାଇ ପାରୁଥିଲେ। ନାଚୁଣୀ ହରିପୁର ଠାରେ ତାଙ୍କର ଜାଗିରୀ ଜମିଥିଲା । ସେ ମଧ୍ୟ ସେଠାରେ ଅବସ୍ଥାନ ସମୟରେ ଦାଣ୍ଡ ଦ୍ୱାରରୁ ଗୋଲାକାର କଳାମୁଗୁନି ପଥରକୁ ଗୋଡ଼ରେ ଗଡ଼ାଇ ଗଡ଼ାଇ ପୋଖରୀତୁଠ ପର୍ଯ୍ୟନ୍ତ ଯାଉଥିଲେ ଏବଂ ଗାଧୋଇ ସାରି ସେହି ପଥରକୁ ଗୋଡ଼ରେ ଗଡ଼ାଇ ଗଡ଼ାଇ ଆଣୁଥିଲେ । ସେ ସର୍ବଦା ଘୋଡ଼ା ସବାରରେ ଦୂରସ୍ଥାନକୁ ଯାତାୟାତ କରୁଥିବା ଲୋକମୁଖରେ ଶୁଣାଯାଏ । ବକ୍ସି ଜଗବନ୍ଧୁ ରାଜାଙ୍କ ସେନାପତି ଥିବାରୁ ପୁରୁଷାନୁକ୍ରମେ ବକ୍ସିବାଡ଼ ମଧ୍ୟରେ ଥିବା ୨୪ଟି ଗ୍ରାମକୁ ନେଇ ରୋଡ଼ଙ୍ଗ ପ୍ରଗଣାର ଅଧିକାରୀ ଥିଲେ । ଏହା ବ୍ୟତୀତ ତାଙ୍କ ପିତାମହ ବାସୁଦେବ ଭ୍ରମରବର ରାୟ ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କ ଠାରୁ ୨୦୦ ବାଟି ଜମି ଦାନପତ୍ରରେ ପାଇଥିଲେ। ଦିବ୍ୟସିଂହ ଚମ୍ପି ତାଙ୍କର ପୁସ୍ତକ ବକ୍ସି ଜଗବନ୍ଧୁ ବଂଶର ନୂତନ ଇତିହାସ ପୁସ୍ତକରେ ୧୧, ୧୨ ଓ ୧୩ ପୃଷ୍ଠାରେ ଏହା ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି ଚବିଶକୁଦ ପ୍ରଗଣାର କାଙ୍କୋଡ଼, ଗୁଡ଼ାଦାର, ସାହାଲଘର, ଗୋଲରା ଓ କୁଆପଦାରୁ ୧୦୯ ବାଟି ୯ ମାଣ, ରାହାଙ୍ଗ ପ୍ରଗଣାର କୋଇଲିପୁର, ବୁଧଡଙ୍କା, ଉଗ୍ରମାଳ, କମାଶାସନ ଓ ମହାପଦାରେ ୨୭ବାଟି ୧୫ମାଣ ଏବଂ ସିରାଇ ପ୍ରଗଣା ଶିବ ସାଗର ଓ ଚାନ୍ଦପଡ଼ାରେ ୩୦ବାଟି ଏବଂ ଅବଶିଷ୍ଟ ୩୨ ବାଟି ୧୬ମାଣ ଜମି ନାଚୁଣୀ ନିକଟସ୍ଥ ହରିପୁର, ବାଲିଆ, ପରବଳ, ବଉଳାବନ୍ଧ ଓ ନଇରୀ ଗ୍ରାମରେ ଥିଲା । ବିଶାଳ ଐଶ୍ୱର୍ଯ୍ୟର ଅଧିକାରୀ ଓ ଅଚଳାଚଳ ସମ୍ପତ୍ତିର ମାଲିକ ବକ୍ସି ଜଗବନ୍ଧୁ କୁଚକ୍ରୀ କୃଷ୍ଣଚନ୍ଦ୍ର ସିଂହଙ୍କ ଚକ୍ରାନ୍ତ ଯୋଗୁଁ ସର୍ବସ୍ୱାନ୍ତ ହେଲେ । କୃଷ୍ଣଚନ୍ଦ୍ରଙ୍କ ଭାଇ ଗୌରହରି ସିଂହ ତହସିଲଦାର ଥିଲେ। କୃଷ୍ଣଚନ୍ଦ୍ରଙ୍କ କୁପରାମର୍ଶରେ ଗୌରହରି ସିଂହ ଯିଏ ଯାହା ଖଜଣା ଦେଲା, 'ରାହଙ୍ଗ ଓଗେର' ଅସୁଲ ଲେଖୁଥିଲେ । ବକ୍ସି ରୋଡ଼ଙ୍ଗ ପାଇଁ ଦେଇଥିବା ଖଜଣା 'ରାହଙ୍ଗ ଓଗେର'ରେ ଚାଲିଗଲା । କୃଷ୍ଣଚନ୍ଦ୍ର ସିଂହ ରାହଙ୍ଗ ଓଗେର କିଣିନେବା ଯୋଗୁଁ ବକ୍ସିଙ୍କ ରୋଡ଼ଙ୍ଗ ସେଥିରେ ଚାଲିଗଲା । ବକ୍ସି କମିଶନରଙ୍କ ନିକଟରେ ଆପି ଦରଖାସ୍ତ କଲେ । ଏଣେ ବକ୍ସିଙ୍କ ଦାଦାପୁଅ ଭାଇ ଗଦାଧର ଜାଗିରି ଜମି ପାଇଁ ବିବାଦ କଲେ । ଏଣୁ ମାଲିମୋକଦ୍ଦମା ଲାଗିରହିଲା । ସେ ୧୮୦୫ରୁ ୧୮୧୬ ପର୍ଯ୍ୟନ୍ତ କୋର୍ଟ କଚେରୀକୁ ଦୌଡ଼ି ଦୌଡ଼ି ସର୍ବସ୍ୱାନ୍ତ ହେଲେ। ଇଂରେଜ ସରକାରଙ୍କ ଉପରୁ ତାଙ୍କର ଆସ୍ଥା ତୁଟିଗଲା । ତାଙ୍କ ହୃଦୟରେ ଇଂରେଜ ବିରୋଧରେ ବିଦ୍ରୋହାଗ୍ନି ଜଳି ଉଠିଲା । ସେ ହେଲେ ଅସହଯୋଗୀ ଜଗବନ୍ଧୁ ।

ଇଂରେଜ ଶାସନରେ ମେଜର ଫ୍ଲେଚର ଖୋର୍ଦ୍ଧାର ଶାସକ ଥିଲେ । ସେ ଖୋର୍ଦ୍ଧାରେ ପ୍ରଥମେ ସରକାରୀ କଚେରୀ ନିର୍ମାଣ କଲେ । ପାଇକମାନେ ଆବାହମାନ କାଳରୁ ଯେଉଁ ନିଷ୍କର ଜାଗିରି ଭୋଗ କରି ଆସୁଥିଲେ, ଫ୍ଲେଚର ସେ ସମସ୍ତ ଜାଗିରି ପାଇକମାନଙ୍କ ଠାରୁ ଛଡ଼ାଇ ନେଇ ସରକାରଙ୍କ ଖାସମାହାଲ ମଧ୍ୟରେ ରଖିଲେ ଏବଂ ସେହି ଜମି ଉପରେ ଜମାଧାର୍ଯ୍ୟ କଲେ । ରାଜସ୍ୱ ଆଦାୟ ନିମନ୍ତେ ଯେଉଁ ସରବରାକାରମାନେ ନିଯୁକ୍ତ ରହିଲେ ସେମାନେ କଠୋର ଭାବରେ କର ଆଦାୟ କରି ପାଇକମାନଙ୍କ ଉପରେ ଅତ୍ୟାଚାର କଲେ । ସେତେବେଳେ ବଙ୍ଗାଳୀମାନେ ସରକାରଙ୍କ ପ୍ରଧାନ କର୍ମଚାରୀ ଥାଇ ନିଜ ସ୍ୱାର୍ଥ ସାଧନ ପାଇଁ କଦର୍ଯ୍ୟ ଆଚରଣ କରୁଥିଲେ, ତାହା ପାଇକମାନଙ୍କୁ ବିଶେଷ ଉତ୍ତେଜିତ କରୁଥିଲା । ୧୮୦୫ ରୁ ୧୮୧୬ ମଧ୍ୟରେ ଇଂରେଜମାନେ ଛ'ଥର ବନ୍ଦୋବସ୍ତ କରି ଛ' ଗୁଣା କର ବୃଦ୍ଧି କରିଥିଲେ ଯାହା ଲୋକମାନଙ୍କୁ ଅସନ୍ତୁଷ୍ଟ କରିଥିଲା । ପୁନଶ୍ଚ କଉଡ଼ି ପରିବର୍ତ୍ତେ ଟଙ୍କା ଅସୁଲ ଏବଂ ଲୁଣ ମାରିବା ଉପରେ ନିଷେଧ ଆଦେଶ ମଲାଙ୍ଗିମାନଙ୍କୁ ବାଧିଥିଲା । ସୂର୍ଯ୍ୟାସ୍ତ ଆଇନ ଯୋଗୁଁ ଓଡ଼ିଆ ଜମିଦାରମାନେ ରାଜ୍ୟ ହରାଇଲେ ଓ ସେମାନଙ୍କ ସ୍ଥାନ ବଙ୍ଗାଳୀ ଜମିଦାରମାନେ ମାଡ଼ିବସିଲେ । ଏ ସମସ୍ତ କାରଣରୁ ଲୋକମାନଙ୍କ ଅସନ୍ତୋଷ ସାଙ୍ଗକୁ ବକ୍ସି ଜଗବନ୍ଧୁଙ୍କ ଅସନ୍ତୋଷ ପାଇକ ବିଦ୍ରୋହର ବହ୍ନିକୁ ପ୍ରଜ୍ୱଳିତ କରିଥିଲା । ବକ୍ସି ଜଗବନ୍ଧୁ ତାଙ୍କ ପୈତୃକ ଜମିଦାରୀ ରୋଡ଼ଙ୍ଗ ପ୍ରଗଣା ଚକ୍ରାନ୍ତ ଯୋଗୁଁ ହରାଇଥିଲେ । ଏହି ଚକ୍ରାନ୍ତ ଧରାପଡ଼ିଲେ ବି ସରକାର ଆଉ ପ୍ରଗଣା ଫେରାଇନଥିଲେ । ଏଣେ




କୃଷ୍ଣଚନ୍ଦ୍ର ସିଂହ 'ରାହାଙ୍ଗ ଓଗେର ରୋଡ଼ଙ୍ଗ'କୁ ଖର୍ଦ୍ଦକରି ବକ୍ସି ଜଗବନ୍ଧୁଙ୍କର ସମସ୍ତ ସମ୍ପତ୍ତି ଅଧିକାର କଲେ । ଗଡ଼ ରୋଡ଼ଙ୍ଗ ହରଚଣ୍ଡୀପୁର ଓ ଚଣ୍ଡୀପୁଟରେ ଥିବା ବକ୍ସି ଜଗବନ୍ଧୁଙ୍କର ଚାଷଜମିକୁ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ବୁଝାସୁଝା କରୁଥିଲେ । ବକ୍ସି ଜଗବନ୍ଧୁଙ୍କ ଦୁର୍ଦ୍ଦିନର ସୁଯୋଗ ନେଇ ଜଗବନ୍ଧୁ ପଟ୍ଟନାୟକ ଉପରୋକ୍ତ ଗ୍ରାମର ଚାଷଜମିକୁ କୃଷ୍ଣଚନ୍ଦ୍ର ସିଂହଙ୍କ ଠାରୁ ନିଜ ନାମରେ କବଲା କରି ଚାଷ କଲେ । ଏହାର ମର୍ମ ହେଲା ବକ୍ସି ଜଗବନ୍ଧୁଙ୍କର ଶେଷ ସମ୍ବଳ ନିଜ ଚାଷ ଜମିକୁ ତାଙ୍କ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ଅମାନୁଷିକ ବିଶ୍ୱାସଘାତକତା କରି ଆତ୍ମସାତ କଲେ । ପୈତୃକ ରୋଡ଼ଙ୍ଗ କିଲ୍ଲା, ଜାଗିରିଜମି ଓ ନିଜ ଚାଷ ଜମିକୁ ହରାଇ ବକ୍ସି ଜଗବନ୍ଧୁ ଦାଣ୍ଡର ଭିକାରୀ ହୋଇଗଲେ । ଜୀବନଧାରଣ ପାଇଁ ନିକଟ ଅଞ୍ଚଳର ସରବରାକାରଙ୍କ ଦୟା ଉପରେ ନିର୍ଭର କରିବାକୁ ପଡୁଥିଲା । ସହିବାର ସମସ୍ତ ସୀମା ଟପିଗଲା। ପରେ ଇଂରେଜ ବିରୋଧରେ ବିଦ୍ରୋହ ପାଇଁ ମନସ୍ଥିର କଲେ । ଇଂରେଜ ଶାସନର ଅବସାନ ଘଟାଇ ପୁନର୍ବାର ରାଜାଙ୍କୁ ଖୋର୍ଦ୍ଧା ସିଂହାସନରେ ଅଧିଷ୍ଠିତ କରାଇବା ଯୋଜନା କରି ଜଗବନ୍ଧୁ ରାଜ୍ୟର ମୁଖ୍ୟବ୍ୟକ୍ତିମାନଙ୍କୁ ତାଳପତ୍ରରେ ଲିଖିତ ନିମନ୍ତ୍ରଣ ପତ୍ର ପଠାଇଲେ । ଏହାର ପ୍ରଭାବ କୁଜଙ୍ଗ, କନିକା ଭଳି ରାଜନ୍ୟମଣ୍ଡଳୀକୁ ସଶସ୍ତ୍ର ବିଦ୍ରୋହରେ ପ୍ରଭାବିତ କରିଥିବା ବେଳେ ଅନ୍ୟ ପଡ଼ୋଶୀ ଗଡ଼ଜାତ ରାଜାମାନଙ୍କର ନୈତିକ ସମର୍ଥନ ମିଳିଥିଲା ।

ଡ. ସୁରେନ୍ଦ୍ରନାଥ ପାଣିଗ୍ରାହୀଙ୍କ 'ଗଂଜାମ: ଐତିହ୍ୟ ଓ ପରମ୍ପରାର ପୁଣ୍ୟଭୂମି' ପୁସ୍ତକର ୧୬୭ ଓ ୨୩୦ ପୃଷ୍ଠାରେ ଦିଆଯାଇଥିବା ତଥ୍ୟରୁ ଜଣାପଡ଼େ ଯେ, ୧୮୦୦ ମସିହାରେ ଶେରଗଡ଼, ମହୁରୀ, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି ଓ ଘୁମୁସର ରାଜାଂକର ମିଳିତ ସୈନ୍ୟ ସହ ଇଂରେଜମାନଙ୍କର ଯୁଦ୍ଧ ହୋଇଥିଲା। ଏଥିରେ ବକ୍ସିଙ୍କ ଶ୍ୟାଳକ ଅଦୈତ୍ୟପ୍ରସାଦ ସିଂହଦେଓ ମୃତ୍ୟୁବରଣ କରିଥିଲେ। ସେ ହେଲେ ପ୍ରଥମ ଓଡ଼ିଆ ଶହୀଦ । ବକ୍ସିଙ୍କ ଶ୍ୱଶୁର ଘର ଥିଲା ଶେରଗଡ, ଶେରଗଡ଼ ରାଜା ହରିକୃଷ୍ଣ ସିଂହଦେଓଙ୍କ କନ୍ୟାଙ୍କୁ ସେ ବିବାହ କରିଥିଲେ । ବକ୍ସି ଉଭୟ ଶ୍ୱଶୁର ଘର ଶେରଗଡ଼ ଓ ମଳାଶୁର ଘୁମୁସର ରାଜାଙ୍କ ସହ ବରାବର ସଂପର୍କ ରଖି ପାଇକ ବିଦ୍ରୋହ ପାଇଁ ସୈନ୍ୟଯୋଗାଡ଼ କରିବାରେ କ୍ଷମ ହୋଇଥିଲେ। ବକ୍ସିଙ୍କୁ ସାହାଯ୍ୟ କରିବା ପାଇଁ ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ନିର୍ଦ୍ଦେଶରେ ୪୦୦ ସରିକି କନ୍ଧପାଇକ ବାଣପୁର ଆସି ବକ୍ସିଙ୍କୁ ବିଦ୍ରୋହରେ ସହଯୋଗ ଦେଇଥିଲେ । ଘୁମୁସର ଅଞ୍ଚଳରୁ କନ୍ଧପାଇକମାନେ ଖୋର୍ଦ୍ଧା ଆସିବା ପାଇଁ ବକ୍ସି ପୂର୍ବରୁ ସାଂଗଠନିକ କାର୍ଯ୍ୟର ପ୍ରସ୍ତୁତି କରିଥିଲେ ଏବଂ ବାଣପୁରରେ ସେମାନଙ୍କୁ ଅପେକ୍ଷା କରି ରହିଥିଲେ ।

୧୮୧୭ ଜାନୁଆରୀ ଶେଷ ଓ ଫେବୃୟାରୀ ଆରମ୍ଭକୁ ବକ୍ସି ଜଗବନ୍ଧୁ ଯେତେବେଳେ ବିଦ୍ରୋହ ପାଇଁ ମତାଇବାରେ ବ୍ୟସ୍ତ ଥାଆନ୍ତି ସେତେବେଳେ ମରହଟ୍ଟାମାନେ ଇଂରେଜ ଅଧିକୃତ ଓଡ଼ିଶାକୁ ଆକ୍ରମଣ କରିବାକୁ ଆସୁଥିବା ନେଇ ଗୁଜବ ପ୍ରଚାରିତ ହେଲା । ଖୋର୍ଦ୍ଧାର ଜଣାଶୁଣା ସର୍ବରାକାର ଚରଣ ପଟ୍ଟନାୟକ ପୂର୍ବରାଗର ପ୍ରତିଶୋଧ ପାଇଁ ମରହଟ୍ଟାଙ୍କ ସହିତ ଜଗବନ୍ଧୁଙ୍କର ସମ୍ପର୍କ ଥିବା ମିଥ୍ୟା ଅଭିଯୋଗ ଖୋର୍ଦ୍ଧା ପୁଲିସ ଦାରୋଗାଙ୍କୁ ଜଣାଇଲେ । ଏଣେ ବକ୍ସିଙ୍କ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ବକ୍ସିଙ୍କ ଚାଷଜମି ହଡ଼ପ କରିଥିବାରୁ ତାଙ୍କୁ ବକ୍ସିଙ୍କ ସମର୍ଥକମାନେ ହତ୍ୟା କରିଥିଲେ । ଏଣେ ବିଦ୍ରୋହକୁ ଶୀଘ୍ର କାର୍ଯ୍ୟକରିବା ମୁହୂର୍ତ୍ତକୁ ବକ୍ସି ଅପେକ୍ଷା କରି ରହିଲେ । ବକ୍ସି ଜଗବନ୍ଧୁ ଓ ତାଙ୍କ ସହଯୋଗୀ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ କିଛି ଅନୁଚରଙ୍କୁ ନେଇ ବାଣପୁରରେ ଜନ ସମର୍ଥନ ଲୋଡୁଥିବା ବେଳେ ଘୁମୁସର ଅଞ୍ଚଳରୁ ଚାରି ଶହ କନ୍ଧ ବାଣପୁରରେ ଲୁଟ୍‌ପାଟ ଆରମ୍ଭ କରିଥିଲେ । ଇଂରେଜମାନେ ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ବିରୋଧରେ କାର୍ଯ୍ୟ କରୁଥିବାରୁ ପ୍ରତିହିଂସାପରାୟଣ ହୋଇ ଇଂରେଜ ଶାସିତ ବାଣପୁରକୁ ଲୁଟ୍ କରିବାକୁ ଆସିଥିଲେ । ବକ୍ସି ଜଗବନ୍ଧୁ ବିପ୍ଳବୀ କନ୍ଧମାନଙ୍କ ସାହାଯ୍ୟରେ ବାଣପୁର ଥାନା ଓ ସରକାରୀ କୋଠାଘର ପୋଡ଼ି ଧ୍ୱଂସ କଲେ । ସରକାର ଖଜଣାଖାନା ଲୁଟ୍ କରି ପ୍ରାୟ ପନ୍ଦର ହଜାର ଟଙ୍କା ନେଇଗଲେ। ଚିଲିକା କୂଳ ଲୁଣ ଏଜେଣ୍ଟ ବେଚର ସାହେବ୍ ବିଦ୍ରୋହୀମାନେ ଯିବାରୁ ଲୁଚି ପଳାଇଲେ । ଏହାପରେ ବିଦ୍ରୋହୀମାନେ ବାଣପୁରରୁ ଖୋର୍ଦ୍ଧା ଯାଇ ସରକାରୀ କୋଠାବାଡ଼ି ଧ୍ୱଂସ କରିବା ସହିତ ସରକାରୀ ଖଜଣାଖାନା ଲୁଟ୍ କରିଥିଲେ । ଅତ୍ୟାଚାରୀ ପୁଲିସ ଦାରୋଗା ମିର୍ଜା ମେହେଦି ଥାନା ଛାଡ଼ି ପଳାୟନ କଲା ଏବଂ ବିଦ୍ରୋହୀମାନେ ଥାନା ପୋଡ଼ିଦେଲେ । ଏହାପରେ ବକ୍ସିଙ୍କ ନିର୍ଦ୍ଦେଶରେ ବିଦ୍ରୋହୀମାନେ ପାଞ୍ଚଗଡ଼ ଯାଇ ସଁପୁର ଠାରେ ଥିବା ସମ୍ବଲପୁର ରାଣୀ ମୁକ୍ତାଦେଇଙ୍କ ଦେଓ୍ୱାନ ସଦାଶିବ ବହିଦାରକୁ ହତ୍ୟା କରିଥିଲେ । ତା'ପର ଦିନ ଅର୍ଥାତ ଏପ୍ରିଲ ୨ ତାରିଖ ଦିନ ବିଦ୍ରୋହୀମାନଙ୍କ ସହ ଇଂରେଜମାନଙ୍କ ଖଣ୍ଡଯୁଦ୍ଧ ହୋଇଥିଲା । ଲେଫ୍ଟନାଣ୍ଟ ଫେରିସ୍ ଓ ଲେଫ୍ଟନାଣ୍ଟ ପ୍ରାଇଡ୍‌ଙ୍କ ମିଳିତ ସୈନ୍ୟ ବିଦ୍ରୋହୀଙ୍କ ଠାରୁ ପରାସ୍ତ ହେଲେ । ଏହି ଯୁଦ୍ଧରେ ଲେଫ୍ଟନାଣ୍ଟ ଫେରିସ ଓ ଜଣେ ଅଣ ଇଂରେଜ ସୁବେଦାର ନିହତ ହେଲେ। ବିଦ୍ରୋହୀଙ୍କ ସଂଖ୍ୟା ତିନି ହଜାରରୁ ଊର୍ଦ୍ଧ୍ୱ ହୋଇଥିବାରୁ ଇମ୍ପେ ଓ ଲେଫ୍ଟନାଣ୍ଟ ଟ୍ରାବିଶଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟଦଳ ବାଲକାଟି ରାସ୍ତାଦେଇ କଟକ ଫେରିଗଲେ ।




ସେମାନେ ମାର୍ଚ୍ଚ ୪ ତାରିଖ ଦିନ କଟକରେ ପହଁଚି ସରକାରଙ୍କୁ ଜଣାଇଲେ: 'ଏତିକି ମାତ୍ର ଗଭର୍ଣ୍ଣରଙ୍କୁ ଜଣାଉଛି ଯେ ମୋର ପଶ୍ଚାତପଦ ବାଧ୍ୟବାଧକତା ଯୋଗୁଁ ସଂଘଟିତ ହେଲା । ସମଗ୍ର ଖୋର୍ଦ୍ଧା ରାଜ୍ୟରେ ମେଳି ଅବସ୍ଥା ରହିଛି । ' ଏହାପରେ କୁଦିଆରୀ ଗ୍ରାମର



ସରବରାକାର ଚରଣ ପଟ୍ଟନାୟକ ଯେକି ଇଂରେଜଙ୍କୁ ସାହାଯ୍ୟ କରୁଥିଲେ ତାଙ୍କୁ ବିଦ୍ରୋହୀମାନେ ହତ୍ୟା କଲେ। ଏହି ହତ୍ୟା ଅଭିଯୋଗରେ ପରେ ପର୍ଶୁରାମ ରାଉତରାୟଙ୍କୁ ଫାଶୀ ଦିଆଯାଇଥିଲା । ଏହି ବିଦ୍ରୋହ ଖୋର୍ଦ୍ଧା, ବାଣପୁର, ବୋଲଗଡ଼, ଗୋପ, ନିମାପଡ଼ା, ପୁରୀ, ପିପିଲି, ଡେଲାଙ୍ଗ, ଚନ୍ଦକା, କନିକା, କୁଜଙ୍ଗ, ହରିଶପୁର, ଗୋଲରା, ରୂପାସ, ବଳରାମପୁର, ବୁଢାକେରା, ମରିଚପୁର, ତିରଣ, ପଟ୍ଟାମୁଣ୍ଡାଇ ଆଦି ବହୁ ଅଞ୍ଚଳକୁ ବ୍ୟାପୀଯାଇଥିଲା । ୧୮୧୭ ମାର୍ଚ୍ଚ ୨୯ ରୁ ବାଣପୁରରୁ ବିଦ୍ରୋହ ଆରମ୍ଭ ହୋଇ ୧୮୧୮ ଶେଷ ପର୍ଯ୍ୟନ୍ତ ଲାଗି ରହିଥିଲା । ବିଦ୍ରୋହୀମାନେ ଘୁମୁସର, ଶେରଗଡ଼,



ବୌଦ, ସମ୍ବଲପୁର, ଅନଗୁଳ, ଢେଙ୍କାନାଳ, ରଣପୁର, ନୟାଗଡ଼, ଦଶପଲ୍ଲା ଆଦି ଅଞ୍ଚଳରେ ଆତ୍ମଗୋପନ କରି ଇଂରେଜ ସରକାରଙ୍କୁ ବିବ୍ରତ କରି ରଖୁଥିଲେ । ବକ୍ସିଙ୍କ ସହଯୋଗୀ ଦେଓ୍ୱାନ କୃଷ୍ଣଚନ୍ଦ୍ର, ପିଣ୍ଡିକ ବାହୁବଳେନ୍ଦ୍ର, ଦୀନବନ୍ଧୁ ସାମନ୍ତରାୟ, ଜଗବନ୍ଧୁ ସାମନ୍ତରା, ମୀର ହାଇଦର ଅଲ୍ଲୀ, ଲୋକନାଥ ବଳିଆରସିଂହ, କରୁଣାକର ପରମଗୁରୁ, ଶ୍ରୀହରି ମାନସିଂହ, ପଦ୍ମନାଭ ଛୋଟରାୟ, ଦାମ ସୁବୁଦ୍ଧି ପ୍ରମୁଖ ବିଦ୍ରୋହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । କ୍ଷମା ସର୍ତ୍ତବଳରେ ବହୁ ବିଦ୍ରୋହୀ ଆତ୍ମସମର୍ପଣ କରିଥିଲେ ମଧ୍ୟ ବକ୍ସି କିମ୍ବା ଦେବାନ ୧୮୨୫ ପର୍ଯ୍ୟନ୍ତ ଧରାପଡ଼ିନଥିଲେ । ସେହି ଦୁର୍ଦ୍ଦିନରେ ଭୋଗିଥିବା ଦୁର୍ଦ୍ଦଶା ସମ୍ବନ୍ଧରେ 'ଅଠରଶ ସତର' ଉପନ୍ୟାସରେ ଗୋଦାବରୀଶ ମିଶ୍ର ଲେଖିଛନ୍ତି ଯେ, ଏପରି ଗଛମୂଳ ନଥିଲା, ଯେଉଁଠି ବକ୍ସି ଦୁଇରାତି ଶୋଇଥିଲେ, ଏପରି ପୋଖରୀ ନଥିଲା ଯେଉଁଠି ସେ ଦୁଇଥର ପାଣି ପିଇଥିଲେ ଏବଂ ଏପରି ଘରନଥିଲା, ଯେଉଁଠି ସେ ଦୁଇଥର ଭୋଜନ କରିଥିଲେ । ବକ୍ସି ଶ୍ୱାପଦସଂକୁଳ ବଣପାହାଡ଼ରେ ଲୁଚିବୁଲି ମଣିଷରୁ ଏକପ୍ରକାର ବଣମଣିଷ ଜୀବନ ଜିଇଁଥିଲେ ।

ପାଇକ ବିଦ୍ରୋହର ଭୟାବହତାକୁ ଉପଲବ୍ଧି କରି ଇଂରେଜ ଐତିହାସିକ ଟୟବିନ୍ ଲେଖିଥିବା ଉକ୍ତିର ମର୍ମହେଲା– ଖୋର୍ଦ୍ଧାର ବୀର ଶ୍ରେଷ୍ଠ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ସଂଗଠିତ ୧୮୧୭ ଖ୍ରୀଷ୍ଟାବ୍ଦରେ 'ପାଇକ ବିଦ୍ରୋହ' ସେତେବେଳର ପ୍ରବଳ ପ୍ରତାପୀ ଇଂରେଜ ଶାସକମାନଙ୍କୁ ଏପରି ଭୟଭୀତ କରାଇ ଦେଇଥିଲା ଯେ, ସେହି ବିଦ୍ରୋହ ଫଳରେ ସେମାନେ ସମଗ୍ର ଓଡ଼ିଶାରୁ ନହେଲେ ମଧ୍ୟ, ନିହାତି ପକ୍ଷେ ଖୋର୍ଦ୍ଧା ରାଜ୍ୟରୁ ତଡ଼ାଖାଇ ବାଉଳି ଆଶଙ୍କାରେ ଛାନିଆ ହୋଇପଡ଼ିଥିଲେ ।

ବକ୍ସି ଧରାପଡୁ ନଥିବାରୁ ଉପଦ୍ରବ ଲାଗି ରହୁଥିଲା । ଖୋର୍ଦ୍ଧାର ମାଜିଷ୍ଟ୍ରେଟ୍ ଉଇଲିକିନ୍‌ସନ୍ ଆକ୍ଟିଙ୍ଗ୍ କମିଶନର ପ୍ୟାକେନ୍‌ହାମ୍‌ଙ୍କୁ ତା୨୧.୬.୧୮୨୧ରେ ଲେଖି ଜଣାଇଲେ ଯେ ସକଳ ପ୍ରକାର ସତର୍କତାମୂଳକ ପଦକ୍ଷେପ ଓ ସାମରିକ ଅଭିଯାନ ସତ୍ତ୍ୱେ ଘୁମୁସରର କନ୍ଧ ଓ ପାଣମାନେ ବାରମ୍ବାର ବାଣପୁର ଅଞ୍ଚଳରେ ଉପଦ୍ରବ କରୁଛନ୍ତି ଏବଂ ଏହା ନିଶ୍ଚିତ ଭାବରେ ବକ୍ସି ଜଗବନ୍ଧୁଙ୍କ ଇଙ୍ଗିତରେ ହେଉଛି । ଇଂରେଜଙ୍କ ପକ୍ଷରୁ ବକ୍ସିବାଡ଼ ଉଚ୍ଛେଦ, ବକ୍ସିପଦ ଉଚ୍ଛେଦ ଏବଂ ସମସ୍ତ ଚାପ ସତ୍ତ୍ୱେ ବକ୍ସିଙ୍କୁ ଧରିବା ସହଜ ହୋଇନଥିଲା । ନୟାଗଡ଼ ରାଜା ତାଙ୍କୁ ଆଶ୍ରୟ ଦେଉଥିବା ଜାଣିବାପରେ ରାଜାଙ୍କ ଉପରେ ଚାପ ପଡ଼ିଥିଲା । ବକ୍ସି ଜଗବନ୍ଧୁଙ୍କ ଆଶ୍ରୟଦାତା ନୟାଗଡ଼ ରାଜାଙ୍କ ଉପରେ କୁଟନୈତିକ ତଥା ସାମରିକ ଚାପ ପ୍ରୟୋଗ କରିବା ପାଇଁ ଉଇଲିକିସନ୍ ବିରାଟ ସୈନ୍ୟବାହିନୀ ଧରି ନୟାଗଡ଼ ଚାଲିଲେ । ସେତେବେଳେ ନୟାଗଡ଼ ରାଜା ଥିଲେ ବ୍ରଜବଲ୍ଲଭ ସିଂ ମାନ୍ଧାତା । ପୂର୍ବରୁ ତାଙ୍କ ପିତା ବିନାୟକ ସିଂହ ମାନ୍ଧାତା ବକ୍ସିଙ୍କୁ ଆଶ୍ରୟ ଦେଇଥିଲେ । ରାଜା ବ୍ରଜବଲ୍ଲଭ ୧୮୨୩ ଖ୍ରୀଷ୍ଟାବ୍ଦରେ ରାଜା ହେବା ପରେ ବକ୍ସିଙ୍କୁ ସମ୍ମାନ ଦେଉଥିଲେ । ସେହି ଦୃଢ଼ମନା ଯୁବକ ରାଜା ଉଇଲିକିସନ୍‌ଙ୍କୁ କହିଲେ– ଆପଣ ଗୋଟିଏ ଜିଲାର ମାଜିଷ୍ଟ୍ରେଟ ଭାବରେ ଆଉ ମୁଁ ଗୋଟିଏ ରାଜ୍ୟର ରାଜା ଭାବରେ– ଉଭୟେ କେବଳ ନିଜ ନିଜର ପ୍ରତିଷ୍ଠିତ ପଦବୀ ଓ ଆସନ ଭିତିରେ ଉଚ୍ଚ କ୍ଷମତା ଓ ସମ୍ମାନର ଅଧିକାରୀ, କିନ୍ତୁ ବକ୍ସି ଜଗବନ୍ଧୁଙ୍କର କ୍ଷମତା ଆଉ ସମ୍ମାନ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ଆସନ ଉପରେ ପ୍ରତିଷ୍ଠିତ । ତା'ନ ହୋଇଥିଲେ ବ୍ରିଟିଶ ସରକାର ଦୀର୍ଘ ଆଠ ବର୍ଷକାଳ ସମସ୍ତ ଶକ୍ତି ଖଟାଇ ବକ୍ସି ଜଗବନ୍ଧୁଙ୍କୁ ଧରି ନପାରିବା ଭଳି ବିଡ଼ମ୍ବନା ସମ୍ଭବପର ହୋଇ ନଥାନ୍ତା ସାହେବ । ଏହାର ଉତ୍ତରରେ ଉଇଲିକିନ୍‌ସନ ପ୍ରତ୍ୟୁତ୍ତର ଦେଲେ, ବ୍ରିଟିଶ ସରକାର ଜଗବନ୍ଧୁଙ୍କ ଉଚ୍ଚ ସମ୍ମାନ ପ୍ରତି ପୂର୍ଣ୍ଣ ସଚେତନ ଅଛନ୍ତି ଓ ସମ୍ମାନ ପ୍ରତି ଆଘାତ ଦେଲାଭଳି କାର୍ଯ୍ୟାନୁଷ୍ଠାନ ହେବ ନାହିଁ । ଏହା ତାଙ୍କର ଆତ୍ମସମର୍ପଣ ନୁହେଁ, ଏହା ଆତ୍ମପ୍ରକାଶ ପାଇଁ ପ୍ରକୃଷ୍ଟ ସମୟ । ବେବର୍ତ୍ତା ବରକୁ ପାଇକରାୟ ସର୍ତ୍ତର ସମସ୍ତ ବିବରଣୀ ରାଜା, ଉଇଲିକିନସନ୍‌ଙ୍କ ଉପସ୍ଥିତିରେ ବୁଝାଇ ଦେଇଥିଲେ । ଏହା ଥିଲା ୧୮୨୫ ମଇମାସ ୨୫ ତାରିଖ । ଆତ୍ମପ୍ରକାଶ ପାଇଁ ଆପୋଷ ସମ୍ମାନଜନକ ଚୁକ୍ତିକୁ






ଗ୍ରହଣ କରି ବକ୍ସି ହାତୀ ସବାରରେ କଟକ ଆସିଲେ ଓ ୨୭ ତାରିଖରେ କଟକରେ ପହଁଚିଥିଲେ। ଫଳରେ ଦୀର୍ଘ ଆଠ ବର୍ଷ ସଂଘର୍ଷର ଅବସାନ ଘଟିଲା । ୧୮୨୯ ମସିହା ଜାନୁଆରୀ ୨୪ ତାରିଖ ଶନିବାର ଦିନ ବକ୍ସିଙ୍କର ଦେହାନ୍ତ ହେଲା । ଖ୍ରୀ. ୧୭୭୦ରୁ ୧୮୨୯ ଜୀବନ ପରିଧିର ବହୁ ଘନଘଟା ପାଇକ ବିଦ୍ରୋହର ଇତିହାସରେ ଏକ ଗୌରବମୟ ଅଧ୍ୟାୟ ହୋଇରହିଗଲା। ଓଡ଼ିଆ ଜାତିପ୍ରାଣ ସ୍ୱାଭିମାନୀ ବୀର ପୁଙ୍ଗବ ବକ୍ସି ଜଗବନ୍ଧୁ ଚିର ଦିନ ପାଇଁ ଇହଧାମରୁ ବିଦାୟ ନେଇ ଇତିହାସ ପାଲଟିଗଲେ । ଆମ ସ୍ୱାଧୀନତା ଓ ଆମ ଗଣତନ୍ତ୍ର ପାଇଁ ପାଇକ ବିଦ୍ରୋହର ଅବଦାନ ଅବିସ୍ମରଣୀୟ ।

ସତ କେବେ ଲୁଚି ରହେନା । ସେହି ସତର ଉଦ୍‌ଘୋଷଣା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ଥିଲା । ଓଡ଼ିଶାର ସେହି ପାଇକ ବିଦ୍ରୋହ, ଯାହା ଖୋର୍ଦ୍ଧାର ସ୍ମୃତି ବିଜଡିତ ଇତିହାସ ତାହା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ୨୦୧୭ ଫେବୃଆରୀ ୧ ତାରିଖରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ନିଜ ବଜେଟ୍ ଅଭିଭାଷଣରେ ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ପାଇଁ ବଜେଟରେ ବ୍ୟୟବରାଦ କରିଥିଲେ । ୨୦୧୭ ଜୁଲାଇ ୨୦ରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜିଙ୍କ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ତାଙ୍କ ଶେଷ ସାଧାରଣ ସଭାରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିଥିଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୬.୦୪.୨୦୧୭ ତାରିଖ ଦିନ ଓଡ଼ିଶା ରାଜ ଭବନରେ ଓଡ଼ିଶାର ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ସମେତ ୧୬ ଜଣ ପାଇକ ବିଦ୍ରୋହ ସଂଗ୍ରାମୀ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରିଥଲେ। ୨୦୧୭ ଅକ୍ଟୋବର ୨୩ ତାରିଖରେ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ପ୍ରକାଶ ଜାଭେଡକର ୧୮୧୭ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ମାନ୍ୟତା ଦିଆଯିବ ବୋଲି ଘୋଷଣା କରିଥିଲେ। ଏହାପରେ ଜାତୀୟ ସ୍ତରରେ ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ନିଷ୍ପତ୍ତି ନେଇ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ସ୍ଥାନ ଦେଇଥିଲେ। ୨୦୧୭ ଅକ୍ଟୋବର ୨୪ ତାରିଖରେ ବହୁଳ ପ୍ରସାରିତ ଖବରକାଗଜ The Times of Indiaରେ ଶିରୋନାମା ହୋଇଥିଲା: Centre: Paika to get 1st Freedom war status. ଏଥିରୁ ଅନୁମେୟ କେନ୍ଦ୍ର ସରକାର ପାଇକ ବିଦ୍ରୋହର ବାସ୍ତବିକତାକୁ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହାପରେ ତା ୨୪.୧୨.୨୦୧୮ ତାରିଖ ଭୁବନେଶ୍ୱର (ଜଟଣୀ–ଅରଗୁଳ) ଆଇଆଇଟି ପରିସରରେ ବିଜ୍ଞ ସମାବେଶରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପାଇକ ବିଦ୍ରୋହ ସ୍ମୃତି ସ୍ମାରକୀ, ମୁଦ୍ରା ପ୍ରଚଳନ, ଡାକ ଟିକଟ ପ୍ରଚଳନ, ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଇକ ବିଦ୍ରୋହର ଗବେଷଣା କେନ୍ଦ୍ର ଉଦ୍ଘାଟନ କରିଥିଲେ। ବରୁଣେଇ ପାଦଦେଶରେ ଏକ ଭବ୍ୟ ଜାତୀୟ ସ୍ମାରକୀ କରିବା ପାଇଁ ୨୦୧୮ ମସିହା ମେ ୩୦ ତାରିଖରେ ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ମଂତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବ ପାଇକ ବିଦ୍ରୋହର ଗୁରୁତ୍ୱକୁ ଆହୁରି ବଢାଇଦେଲା। ଭାରତୀୟ ତୈଳ ନିଗମ ବା ଇଣ୍ଡିଆନ ଅଏଲ କର୍ପୋରେସନ ପକ୍ଷରୁ ଇଣ୍ଡିଆନ୍ ଅଏଲ୍ ଫାଉଣ୍ଡେସନ ୯୦ କୋଟି ଟଂକା ଯୋଗାଇଦେବାକୁ ଘୋଷଣା କରିବା ଆମ ପାଇଁ ଏକ ବଡ଼ ଉପଲବ୍ଧି ଥିଲା। ଶେଷରେ ୨୦୧୯ ଡିସେମ୍ବର ୮ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀର ଶିଳାନ୍ୟାସ କରିଥିଲେ। ବରୁଣାଇ ଠାରେ ପାଇକ ସମରକଳା ସଂଗ୍ରହାଳୟ, ପାଠାଗାର, ଖୋର୍ଦ୍ଧାଗଡ଼ର ରିପ୍ଲିକା, ଖୋର୍ଦ୍ଧାଗଡ଼ ଓ ବରୁଣାଇ ମଧ୍ୟରେ ରୋପ୍ ୱେ, ପାହାଡ଼ ଉପରେ ବକ୍ସି ଜଗବନ୍ଧୁଙ୍କର ଅଶ୍ୱ ଉପରେ ବସିଥିବା ଏକ ବିଶାଳକାୟ ପ୍ରତିମୂର୍ତ୍ତି ସ୍ଥାପନ ଆଦି ବହୁବିଧ କାର୍ଯ୍ୟକ୍ରମର ଯୋଜନା ରହିଛି। ଯଥାଶୀଘ୍ର ଏସବୁ ସଂପନ୍ନ ହୋଇପାରିଲେ ବରୁଣାଇ ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବ ।

ଏଠାରେ ଦ୍ରଷ୍ଟବ୍ୟ ଯେ, ୧୮୧୭ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ମାନ୍ୟତା ଦେବାପାଇଁ ଐତହାସିକ ତଥା ବୁଦ୍ଧିଜୀବୀମାନେ ବହୁ ଆଗରୁ ଦାବି କରିଆସୁଥିଲେ ହେଁ ଶେଷରେ ରାଜନୈତିକ ଇଚ୍ଛାଶକ୍ତି ଏହି ଦାବିକୁ ବଳିଷ୍ଠ କରିଥିଲା। ସଂପ୍ରତି ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ମାନ୍ୟବର ବିଶ୍ୱଭୂଷଣ ହରିଚନ୍ଦନ ୨୦୦୮ ମସିହାରେ ପାଇକ ବିଦ୍ରୋହର ୧୯୦ ବର୍ଷ ପାଳନ ଅବସରରେ ସିପାହୀ ବିଦ୍ରୋହ ନୁହେଁ, ପାଇକ ବିଦ୍ରୋହ ହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଘୋଷଣା ପାଇଁ ଜୋରଦାର ଦାବି କଲେ। ସୁପ୍ତ ଓଡ଼ିଆ ଜାତି ଶତସିଂହର ବଳନେଇ ମହାନ୍ ପାଇକ ବିଦ୍ରୋହର ସ୍ମୃତିକୁ ରୋମନ୍ଥନ କରିବାକୁ ଶକ୍ତି ସଂଚାର କଲା । ଓଡ଼ିଶାର ବରପୁତ୍ର ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆ ଅସ୍ମିତାର ପରିଚୟ ଦେବାକୁ ଜାତୀୟ ସ୍ତରରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ରୂପେ ଉପସ୍ଥାପିତ କରିପାରିଲେ, ଯାହା ଫଳରେ ଜାତୀୟସ୍ତରରେ ଏହା ଚର୍ଚ୍ଚାକୁ ଆସିଲା। ଜାତୀୟ ସ୍ତରରେ ପାଇକ ବିଦ୍ରୋହକୁ ନେଇ ଯାହା ସବୁ ଘଟିଛି, ତାହା ତାଙ୍କରି ନେତୃତ୍ୱ ଯୋଗୁଁ ସଂଭବ ହୋଇଛି। ଏହିସବୁ କାରଣରୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ଏ ନେଇ ପଢାପଢି କଲେ ଏବଂ ଜାଣିବାକୁ ଚାହିଁଲେ। ବିଭିନ୍ନ ବହି, ଗୁଗୁଲ, ୟୁଟ୍ୟୁବ୍ ଖୋଜିବାକୁ ଲାଗିଲେ ।




୧୮୫୭ ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ହୋଇଥିଲା ପାଇକ ବିଦ୍ରୋହ। ସିପାହୀ ବିଦ୍ରୋହ ଦୁଇବର୍ଷ ମଧ୍ୟରେ ଦମନ ହୋଇଥିଲେ ହେଁ ପାଇକ ବିଦ୍ରୋହ ପ୍ରଶମିତ ହେବାକୁ ଲାଗିଥିଲା ଆଠବର୍ଷ । ଖ୍ରୀ ୧୭୫୭ରେ ଇଂରେଜମାନେ ବଙ୍ଗଳା ଦଖଲ କରିଥିଲେ ହେଁ ସେହି ବଙ୍ଗଳାର ବାରାକପୁରରୁ ଅର୍ଥାତ ଶହେ ବର୍ଷ ପରେ ସିପାହୀ ବିଦ୍ରୋହ ଆରମ୍ଭ ହୋଇଥିଲା । ଅଥଚ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଇଂରେଜମାନଙ୍କ ଆଗମନ ପରେ ୧୮୦୪ରେ ଖୋର୍ଦ୍ଧା ରାଜ ବିଦ୍ରୋହ, ୧୮୧୭ରେ ପାଇକ ବିଦ୍ରୋହ, ୧୮୨୭ରେ ତାପଙ୍ଗ ଯୁଦ୍ଧ ଏବଂ ୧୮୩୬ରେ ପଂଚୁଆ ଫତୁରୀ ମେଳି ବା ବାଣପୁର ମୁକ୍ତି ସଂଗ୍ରାମ ସଂଗଠିତ ହୋଇ ଦୀର୍ଘ ୩୨ ବର୍ଷ କାଳ ଓଡ଼ିଆମାନେ ଯେଉଁଭଳି ଇଂରେଜ ବିରୋଧି ସଂଗ୍ରାମ କରିଥିଲେ ତାହା ଓଡ଼ିଆମାନଙ୍କ ସ୍ୱାଧୀନଚେତା ମନୋଭାବର ପରିଚୟ ଦିଏ ।


ମୋ.: ୯୨୩୭୦୮୯୫୦୯

